# ପବିତ୍ର ଶୀତଳ ଷଷ୍ଠୀ: ଏକ ନିଆରା ପରମ୍ପରା

ଶୀତଳତାର ସଂକେତ ବହନ କରୁଥିବା ଶିବ-ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ। ସମ୍ବଲପୁରରେ ଶୀତଳ ଷଷ୍ଠୀ ସମ୍ଭବତଃ ୪୦୦ ବର୍ଷ ତଳେ ଆରମ୍ଭ ହୋଇଥିବା କୁହାଯାଏ।



ଓଡ଼ିଶା ଏକ ଶୈବ ଧର୍ମର ପ୍ରାଚୀନ ପୀଠ। ଶିବ ମନ୍ଦିରର ସୌନ୍ଦର୍ଯ୍ୟରେ ଏ ମାଟି ଭରପୂର। ଶିବ ହେଉଛନ୍ତି, ରୌଦ୍ରର ପ୍ରତୀକ ଏବଂ ପାର୍ବତୀ ହେଉଛନ୍ତି, ଅଭୟଦାୟିନୀ, ଶକ୍ତି ଦାୟିନୀ ଓ ଶାନ୍ତି ପ୍ରଦାୟିନୀ। ଉଭୟଙ୍କ ମହା ମିଳନରେ ଧରାପୃଷ୍ଠ ହୁଏ ଶାନ୍ତି, ସ୍ନିଗ୍ଧ ଓ ପବିତ୍ର। ତେବେ ଶୀତଳତାର ସଂକେତ ବହନ କରୁଥିବା ଶିବ-ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ। ମହାପ୍ରଭୁଙ୍କର ଚନ୍ଦନ ଯାତ୍ରାର ପରିସମାପ୍ତି ପରେ ପରେ ଶୀତଳ ଷଷ୍ଠୀ ବେଳକୁ ମେଘମଲ୍ଲାର ଆକାଶର ଅପରୂପ ସୌନ୍ଦର୍ଯ୍ୟ ସାଙ୍ଗକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ। ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶିବ ପାର୍ବତୀଙ୍କର ବିବାହ ଉତ୍ସବ ଏବଂ ତା'ପର ଦିନ ପାଳନ ହୁଏ ଶୀତଳ ଷଷ୍ଠୀ ଯାତ୍ରା। ଶୀତଳ ଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବେସିତ। ପ୍ରକୃତି ସହିତ ଏହାର ସମ୍ପର୍କ ଅତି ନିବି? ରହିଛି। ଓ?ଶାର ବିଭିନ୍ନ ଶୈବ ପୀଠଗୁଡିକରେ ଶିବ ବିବାହ ଉତ୍ସବ ନିରାଡମ୍ବର ଭାବରେ ପାଳନ କରାଯାଏ। ପଶ୍ଚିମ ଓଡ଼ିଶାର ସମ୍ବଲପୁର ଆରମ୍ଭ ହୋଇଥିବା ବେଳେ ଏବେ ବରପାଲି, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, କଣ୍ଟାବାଞ୍ଜି ଓ ଭବାନୀପାଟଣା ପ୍ରମୁଖ ସହରଗୁଡିକରେ ଶିବାଳୟରେ ପାଳିତ ହେଉଛି। ସମ୍ବଲପୁରରେ ଶୀତଳ ଷଷ୍ଠୀ ସମ୍ଭବତଃ ୪୦୦ ବର୍ଷ ତଳେ ଆରମ୍ଭ ହୋଇଥିବା ସୂଚନା ରହିଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଛୋଟ ବଡ ଗାଁ, ସହର ଗୁଡିକରେ ଶୀତଳ ଷଷ୍ଠୀ ପର୍ବ ପାଳିତ ହେଉଥିଲେ ମଧ୍ୟ ସମ୍ବଲପୁର ପ୍ରସିଦ୍ଧି ଲାଭ କରିଛି ଓ ଏହାର ସ୍ୱତନ୍ତ୍ରତା ରହିଛି। ଶୀତଳ ଷଷ୍ଠୀ ଯାତ୍ରାର ଅବଧି ପ୍ରାୟତଃ ମାସାଧିକ କାଳ ହୋଇଥାଏ। ପବିତ୍ର ଅକ୍ଷୟ ତୃତୀୟଠାରୁ ଏହା ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳ ପକ୍ଷ ସପ୍ତମୀ ଦିନ ଶେଷ ହୋଇଥାଏ। ଅକ୍ଷୟ ତୃତୀୟା ଦିନ ଥାଳ ଉଠେ। ଆଉ ଯାତ୍ରାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥାନ୍ତି। ଏହି ଯାତ୍ରାରେ ଅନେକ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଯେମିତିକି, ଥାଳ ଉଠା, ପତର୍ ପେଣ୍ଡି, ଗୁଆଗୁଣ୍ଡା, ଗଣ୍ଡଲା ଫିଟା, କନ୍ୟା ଆଗମନ, ବରାତି, ବିବାହ, କନ୍ୟାବିଦାୟ, ମନ୍ଦିର ପ୍ରବେଶ ଇତ୍ୟାଦି ରହିଛି।

# ବିବାହରେ ସାକ୍ଷୀ ରହନ୍ତି ସାକ୍ଷୀ ଗୋପିନାଥ

ସମ୍ବଲପୁରର ପୁରାତନ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟୀର ବଂ ବରାଡ ବାଲୁଙ୍କେଶ୍ୱର ଓ ଜଗତଜନନୀ ମାତା ପାର୍ବତୀଙ୍କର ବିବାହରେ ସାକ୍ଷୀ ରହନ୍ତି ସାକ୍ଷୀ ଗୋପିନାଥ ମହାପ୍ରଭୂ। ଲୌକିକ ବିବାହରେ ସାକ୍ଷୀ ରହିବା ପାଇଁ ସାକ୍ଷିପଡ଼ା ସ୍ଥିତ ବିଷ୍ଣୁଙ୍କର ଅନ୍ୟତମ ଅବତାର ଶ୍ରୀ ଶ୍ରୀ ସାକ୍ଷୀଗୋପିନାଥଙ୍କର ଆଗମନ ନନ୍ଦପଡ଼ା ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରକୁ ହୋଇଥାଏ। ପରମ୍ପରା ଅନୁଯାୟୀ ମହାଦେବ ଓ ପାର୍ବତୀଙ୍କର ବିବାହର ସମସ୍ତ ଦାୟିତ୍ୱ ଭଗବାନ ବିଷ୍ଣୁ ବହନ କରିଥିଲେ। ସାକ୍ଷୀପଡ଼ା ମନ୍ଦିରରୁ ଶ୍ରୀ ଶ୍ରୀ ସାକ୍ଷୀଗୋପିନାଥ ନନ୍ଦପଡ଼ା ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରକୁ ଏକ ଭବ୍ୟ ଶୋଭାଯାତ୍ରାରେ ଅଣା ଯାଇଥାଏ। ବିବାହ ଉତ୍ସବ ଶେଷ ହେବା ପରେ ପୁଣି ମନ୍ଦିରକୁ ନିଆଯାଇଥାଏ। ସାକ୍ଷୀଗୋପିନାଥ ପଡ଼ାରୁ ଶ୍ରୀ ସାକ୍ଷୀଗୋପିନାଥ ନନ୍ଦପଡ଼ାକୁ ଆସିବା ରାସ୍ତାରେ ବିଭିନ୍ନ ସ୍ଥାନରେ ଅଞ୍ଚଳବାସୀ ତାଙ୍କୁ ଭବ୍ୟ ରୂପେ ପୂଜାର୍ଚ୍ଚନା କରି ଆର୍ଶିବାଦ ଲାଭ କରନ୍ତି। ବଂ ବରାଡ ବାଲୁଙ୍କେଶ୍ୱର ଓ ମାତା ପାର୍ବତୀଙ୍କର ବିବାହ ସମ୍ପନ୍ନ ହେବା ପର୍ଯ୍ୟନ୍ତ ସାକ୍ଷୀଗୋପିନାଥ ବାଲୁଙ୍କେଶ୍ୱର ମନ୍ଦିରରେ ଅବସ୍ଥାନ କରି ସମ୍ପୁର୍ଣ୍ଣ ବିବାହ ଉତ୍ସବର ସାକ୍ଷୀ ରହିନ୍ତି। ବରାତି ଶୋଭାଯାତ୍ରାରେ ସ୍ୱତନ୍ତ୍ର ବିମାନରେ ଆରୋଢ ହୋଇ ବରଯାତ୍ରି ହୋଇଥାନ୍ତି। ସେହିପରି ଶୋଭାଯାତ୍ରା ଓ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ସାଙ୍ଗରେ ରହନ୍ତି। ଏହି ପରମ୍ପରା ଶୀତଳ ଷଷ୍ଠୀ ଆରମ୍ଭରୁ ଚାଲି ଆସିଛି। ଏହି ନୀତି କେବଳ ନନ୍ଦପଡ଼ା ଶୀତଳ ଷଷ୍ଠୀ ଯାତ୍ରାରେ ହିଁ ରହିଆସିଛି।



# ଶିବ ଓ ଶକ୍ତିର ଦିବ୍ୟ ମିଳନ



ସୃଷ୍ଟି ତଥା ସଂହାରର କାରଣ ରୂପରେ ଶିବଙ୍କୁ ଆରାଧନା କରାଯାଏ। ତେବେ ଶକ୍ତି ବିନା ସହଯୋଗରେ ସୃଷ୍ଟି ପ୍ରକ୍ରିୟା ସମ୍ଭବ ହୁଏ ନାହିଁ। ଶକ୍ତି ଶିବଙ୍କ ପିଣ୍ଡରେ ମିଳିତ ନ ହେବା ପର୍ଯ୍ୟନ୍ତ ସଫଳ ହୁଏ ନାହିଁ। ତେଣୁ ଆବାହମାନ କାଳ ରୁ ଶକ୍ତି ଓ ଶିବଙ୍କ ପରିଣୟକୁ ଉତ୍ସବ ରୂପେ ଆମେ ପାଳନ ହୋଇଥାଏ। ଭାରତୀୟ ଓ ଉତ୍କଳୀୟ ପରମ୍ପରାରେ ଶିବ ପାର୍ବତୀଙ୍କ ବିବାହକୁ ଶୀତଳ ଷଷ୍ଠୀ ଭାବରେ ପାଳନ ପାଳନ କରାଯାଇଥାଏ। ବିଶେଷ କରି ସମ୍ବଲପୁର ସହର ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଶୈବ ପୀଠ ମାନଙ୍କରେ ଶୀତଳ ଷଷ୍ଠୀ ପର୍ବ ମହା ସମାରୋହରେ ପାଳିତ ହୋଇଥାଏ। ଜେଷ୍ଠ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ସମାପିତ ହୋଇଥିବାର ପୌରାଣିକ ମାନ୍ୟତା ରହିଥିବାରୁ ସେହି ଦିନ ଏହି ଦିବ୍ୟ ଦମ୍ପତିଙ୍କ ବିବାହ ଉତ୍ସବ ଆୟୋଜନ କରାଯାଇଥାଏ। ଶିବ ଓ ଶକ୍ତି ପୂଜା ସହିତ ଭାରତର ବୈଦିକ, ଦ୍ରାବିଡ ଓ ଶବର ପରମ୍ପରାର ସମନ୍ୱୟ ଘଟିଥିବାରୁ ଶୀତଳ ଷଷ୍ଠୀ ଯାତ୍ରାରେ ବହୁ ସଂସ୍କୃତିର ମିଳନ ଦୃଶ୍ୟମାନ ହୁଏ। ତାରକାସୁରକୁ ବଧ କରିବାକୁ ଶିବ ବିବାହ ନିତାନ୍ତ ଆବଶ୍ୟକ ବୋଲି ଦେବତା ମାନେ ଜାଣିଥିଲେ। ପୁଣି ଥରେ ଶିବଙ୍କୁ ଆସକ୍ତ କରିବାକୁ ମହାଶକ୍ତି ହିମାଳୟଙ୍କ କନ୍ୟା ରୂପେ ଜନ୍ମ ଗ୍ରହଣ କରନ୍ତି। ପାର୍ବତୀଙ୍କ ଠୋର ତପସ୍ୟା ଥିଲା ଶିବଙ୍କୁ ବର ରୂପେ ବରଣ କରିବା ପାଇଁ। ପରିଶେଷ ରେ ପାର୍ବତୀଙ୍କ ତପସ୍ୟା ରେ ସନ୍ତୁଷ୍ଟ ହୋଇ ଶିବ ପାର୍ବତୀଙ୍କୁ ବିବାହ କରିଥିଲେ। ଶିବ ବିବାହକୁ ନେଇ ବହୁ ଚମକପ୍ରଦ ଓ ଚର୍ଚ୍ଚିତ କାହାଣୀ ଶିବ ପୁରାଣ ସମେତ ଅନ୍ୟାନ୍ୟ ପୁରାଣରେ ଲେଖା ରହିଛି। ବିବାହ ପୂର୍ବରୁ ପାର୍ବତୀଙ୍କ ନିଷ୍ଠା ପରୀକ୍ଷା କରିବାକୁ ଯାଇ ଶିବ ଅତ୍ୟନ୍ତ ବିକୃତ ରୂପ ଗ୍ରହଣ କରି ବର ବେଶରେ ଆସିଥିଲେ। ବିକୃତ ଓ ବିଭତ୍ସ ବେଶ ବର୍ନନା "କଳସା ଚୌତିଶା " ରେ ଦେଖିବାକୁ ମିଳେ। ବରଯାତ୍ରୀ ଭାବରେ ଶିବଗଣ ଅତ୍ୟନ୍ତ ଉଦ୍ଦଣ୍ଡ ଓ ଅଦ୍ଭୁତ ଭାବରେ ହିମାଳୟରେ ପ୍ରବେଶ କରିଥିଲେ। ଭୁତ, ପିଶାଚ, ଡାକିନୀ, ବେତାଳ, ନନ୍ଦୀ, ଭୃଙ୍ଗୀ, ଯକ୍ଷ ଓ କିନ୍ନର ମାନେ ବରଯାତ୍ରୀ ଭାବେ ଯାଇଥିବାରୁ ତାହା ଏକ ବିଚିତ୍ର ଶୋଭାଯାତ୍ରାରେ ପରିଣତ ହୋଇଥିଲା। ସେହି ସ୍ମୃତିରେ ଆଜି ମଧ୍ୟ ଶିବ ବର ଯାତ୍ରା ରେ ଅଦ୍ଭୁତ ଚରିତ୍ର ଓ ବେଶ ଭୂଷାର ଚରିତ୍ର ମାନଙ୍କୁ ଦେଖିବାକୁ ମିଳେ।













## ଗାଁ ଦାଣ୍ଡରେ ନିଶାସକ୍ତ ଯୁବକଙ୍କ ଗାଳିଗୁଲଜ ନେଇ ଉତ୍ତେଜନା

**ବୀରମହାରାଜପୁର, ୧୧।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ତଥା ହରିହର ଯୋର ଫାଣ୍ଡି ଅଧୀନ ଗୌଡ଼ଗାଡ଼ରେ ଜଣେ ନିଶାସକ୍ତ ବ୍ୟକ୍ତି ଗାଁ ଦାଣ୍ଡରେ ଗାଳି ଗୁଲଜ କରିବାକୁ ନେଇ ଉତ୍ତେଜନା ଦେଖା ଦେଇଛି। ଗାଁ ଲୋକେ ଏ ନେଇ ସମ୍ପୃକ୍ତ ନିଶାସକ୍ତ ବ୍ୟକ୍ତି ବିରୋଧରେ ଫାଣ୍ଡି ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଗୌଡ଼ଗାଡ ଗ୍ରାମର ଚୈତନ୍ୟ ବସ୍ତିଆ ନାମକ ଜଣେ ଯୁବକଙ୍କ ଘର ଆଗରେ କୌଣସି ବ୍ୟକ୍ତି ଅଳିଆ ପକାଇବାରୁ ସେ ଗାଳି ଗୁଲଜ କରିଥିଲେ। ତେବେ ଗାଁ ମହିଳାମାନେ ଗ୍ରାମରେ ମଦ ବିକ୍ରି ବନ୍ଦ କରିଛନ୍ତି। ଗାଁରେ କେହି ମଦ ପିଇ ଗାଳି ଗୁଲଜ କରି ପାରିବେ ନାହିଁ ବୋଲି ଗ୍ରାମବସୀ ନିୟମ କରିଛନ୍ତି। ଗ୍ରାମବାସୀ ଏହି ନିୟମ ମାନୁଥିବା ବେଳେ ଚୈତନ୍ୟ ଗାଳିଗୁଲଜ କରିଥିଲେ। ଏ ନେଇ ଗ୍ରାମରେ ସଭା କରି ଏହାର ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହାର ସମାଧାନ ହୋଇପାରି ନ ଥିଲା। ତେଣୁ ଗ୍ରାମର ମହିଳାମାନେ ସ୍ବୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଯଶୋବନ୍ତି ବିଶ୍ବାଳ, ସିଆର୍‌ପି ବୈଦେହି ଦାସ ଓ ସମ୍ପାଦିକା ନଳନୀ ସାହୁଙ୍କ ନେତୃତ୍ବରେ ହରିହର ଯୋର (ଠେଙ୍ଗୋ ଡ୍ୟାମ୍) ଫାଣ୍ଡି ଅଧିକାରୀ ଫଣିନ୍ଦ୍ର ବରାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଫାଣ୍ଡିରେ ଉଭୟ ପକ୍ଷଙ୍କୁ ଡାକି ଏହାର ସମାଧାନ କରାଯାଇଥିଲା। ଗାଳିଗୁଲଜ କରିଥିବା ଯୁବକ ଜଣକ ନିଜର ଭୁଲ୍ ବୁଝି ପାରି କ୍ଷମା ପ୍ରାର୍ଥନା କରିବା ପରେ ଏହାର ଆପୋସ ସମାଧାନ ହୋଇଥିଲା।






# ବିକଶିତ ଓଡ଼ିଶାର ବିନ୍ଧାଣିଙ୍କୁ ଝୁରୁଛନ୍ତି ଲୋକେ

**ସିନାପାଲି, ୧୧।୬(ସମିସ):** ସମସ୍ତଙ୍କ ହୃଦୟ ଜିଣିଥିବା ବିକଶିତ ଓଡ଼ିଶା ଗଠନର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କୁ ଝୁରୁଛି ଖଡିଆଳ ମାଟି। ନା ଅଛି ଗର୍ବ ନା ଅଛି ଅହଙ୍କାର। ପାଞ୍ଚ ପାଞ୍ଚ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସେ ସାଧାରଣ ମଣିଷ ପରି। ଏମିତି ମୁଖ୍ୟମନ୍ତ୍ରୀ କିଏ ଥିଲେ ନା ଆଗକୁ ହେବେ। ଏଭଳି ଏକ ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ ତଥା ରାଷ୍ଟ୍ରନାୟକ ନବୀନ ପଟ୍ଟନାୟକଙ୍କ ଅନେକ ଗୁଣାବଳିକୁ ନେଇ ସାରା ଓଡ଼ିଶା ଝୁରୁଛି। ଏଥିରୁ ବାଦ୍ ପଡ଼ି ନାହିଁ ନୂଆପଡ଼ା ଜିଲ୍ଲାର ସୀମାନ୍ତ ସିନାପାଲି ବ୍ଲକ ଅଞ୍ଚଳ।



ସାରା ଓଡ଼ିଶାର କୋଣ ଅନୁକୋଣରେ ତଥା ଜନମାନସରେ ସମସ୍ତଙ୍କ ହୃଦୟ ଜିଣିଥିବା ମହାନାୟକ ନବୀନ ପଟ୍ଟନାୟକ ଓଡ଼ିଶାକୁ ଏକ ବିକଳ ଓ ଦୟନୀୟ ଅବସ୍ଥାରୁ ଉଦ୍ଧାର କରି ବିକାଶର ଶୀର୍ଷରେ ପହଞ୍ଚାଇଛନ୍ତି। ୨୦୦୦ ମସିହାରୁ ୨୦୨୪ ଭିତରେ ଦୀର୍ଘ ୨୪ ବର୍ଷ ଧରି ଅନେକ ଜନକଲ୍ୟାଣକାରୀ ଯୋଜନା କରିଥିଲେ। ସବୁ ଯୋଜନା ଭିତରେ ବିଏସ୍‌କେୱାଇ ଶ୍ରେଷ୍ଠ ବୋଲି ଲୋକେ ଗ୍ରହଣ କରିଛନ୍ତି। ଲକ୍ଷ ଲକ୍ଷ ଲୋକଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ସହ ମରଣ ମୁହଁରୁ ବଞ୍ଚେଇ ଦେଇଛି। ସେହିଭଳି ମହାବାତ୍ୟା ମୁକାବିଲାରେ ମଧ୍ୟ ନବୀନ ପଟ୍ଟନାୟକ ଦେଶରେ ଉଦାହରଣ ସୃଷ୍ଟି କରିଥିଲେ। କୋଭିଡ୍ ମହାମାରୀ ସମୟରେ ନବୀନଙ୍କ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମ ସହଜେ ଭୁଲି ହେବନି।

ଏକ ବିକଶିତ ଓଡ଼ିଶା ଭେଟି ଦେଇଥିବା ଏହି ଜନନାୟକଙ୍କୁ ସବୁବେଳେ ମନେ ରଖିବ ସିନାପାଲି ମାଟି। ସିନାପାଲି ଅଞ୍ଚଳରେ ବିଜୁ ସେତୁ, ଚାରିଥାକିଆ ରାସ୍ତା, ସ୍କୁଲ ରୂପାନ୍ତରଣ, ପର୍ଯ୍ୟଟନସ୍ଥଳର ବିକାଶ, ମହିଳା ସଶକ୍ତିକରଣ, ଜଳସେଚନ, ଉପାନ୍ତ ରାସ୍ତା ସଂଯୋଗୀକରଣ, ମୋ ସ୍କୁଲ ଅଭିଯାନ, ଅପହଞ୍ଚ ଇଲାକାରେ ମୋ' ବସ୍ ସେବା ସାଙ୍ଗକୁ ଅନେକ ମହତ କାର୍ଯ୍ୟ ତାଙ୍କ ନେତୃତ୍ବାଧୀନ ସରକାର ଅମଳରେ ହୋଇଛି। ଯାହା ସବୁଦିନ ପାଇଁ ଅଞ୍ଚଳର ଜନମାନସରେ ସର୍ବ ବିଦିତ ହୋଇ ରହିବ। ଆଜି ସେ କ୍ଷମତାରେ ନାହାନ୍ତି। ଏହାସତ୍ତ୍ୱେ ଗାଁଠୁ ସହର ଲୋକେ ତାଙ୍କୁ ଝୁରୁଛନ୍ତି। ଗରିବଙ୍କ କଲ୍ୟାଣ ଓ ଜନହିତକର ଯୋଜନା ଲାଗି ନାହିଁ ନବୀନ ଲୋକଙ୍କ ମନରେ ରହିଛନ୍ତି। ସିନାପାଲି ଅଞ୍ଚଳରେ ଯୁଆଡେ ଶୁଣିଲେ ନୀବନଙ୍କ ପରି କର୍ମତପ୍ର, ସରଳ ଏବଂ ଖୁବ୍ କମ୍ କଥା କହୁଥିବା ବ୍ୟକ୍ତି ବିରଳ ବୋଲି ଲୋକେ ଗୁଣଗାନ କରୁଛନ୍ତି।

## ଏମାନେ ଯାହା କହନ୍ତି....



ନବୀନ ସରକାରଙ୍କ ଅମଳରେ ଅନେକ ଜନହିତକର ଓ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ କରଯାଇଛି, ଯାହା ଅନ୍ୟ ସରକାର ଆଦୌ କରିପାରିବେ ନାହିଁ। ମହିଳାମାନଙ୍କୁ ସ୍ବାବଲମ୍ବୀ କରିବାର ରାସ୍ତା ବିଜେଡି ହିଁ ଦେଖାଇଛି। ଆଜି ଆମେ ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିଛୁ। ମହିଳାମାନଙ୍କ ପାଇଁ ମିଶନ ଶକ୍ତି, କାଫେ, ମିଶନ ଶକ୍ତି ବଜାର ସମେତ ଅନେକ ଯୋଜନା ନବୀନ ହିଁ କରିଛନ୍ତି। ନବୀନଙ୍କ ନାଁ ସ୍ବର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

**ଦୀପ୍ତିମୟୀ ନାୟକ (ପୂର୍ବତନ ସମିତି ସଭ୍ୟ, ଗୋଡାଲ ପଞ୍ଚାୟତ)**



ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଜନକଲ୍ୟାଣ ଯୋଜନାର ସଫଳତା ଜଳଜଳ ହୋଇ ଦିଶୁଛି। ଦିନ ଥିଲା ଯେଉଁଠି ଚାଲିବାକୁ ରାସ୍ତା ନ ଥିଲା ସେଇଠି ଏବେ ଚକ୍ ଚକ୍ ହୋଇଛି ରାସ୍ତା। ଉପାନ୍ତ ଅଞ୍ଚଳରେ ଗାଁ ଗହଳିଠାରୁ ସବୁଠି ବିକାଶ ହୋଇଛି। ଏଭଳି ଜନନାୟକ ଆଉ ମିଳିବା ଅସମ୍ଭବ। ଆମ ସମସ୍ତଙ୍କ ପାଇଁ ତଥା ଗରିବ, ନିରୀହଙ୍କ ଦେବ ତୁଲ୍ୟ ନବୀନ ପଟ୍ଟନାୟକ।

**ପୁଷ୍ପାଞ୍ଜଳି ଗୁଆଲ (କରଣବାହାଲି)**



ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଖଡିଆଳ ଅଞ୍ଚଳରେ ବହୁ ଲୋକପ୍ରିୟ କାର୍ଯ୍ୟକ୍ରମ ହୋଇଛି। ସ୍ବଚ୍ଛ ଓ ନିର୍ମଳ ଭାବମୂର୍ତ୍ତିଯୁକ୍ତ ଏହି ସରକାର ସମୟରେ ସହରଠାରୁ ଆରମ୍ଭ କରି ଉପାନ୍ତ ପର୍ଯ୍ୟନ୍ତ ବିକାଶ ହୋଇଛି। ସୀମାନ୍ତରେ ଥିବା ପୋର୍ଟିପଡ଼ା ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ (+୨)କୁ ଉନ୍ନୀତ କରାଯାଇଛି। ଗଡ଼ରାମାଳ ଗ୍ରାମଠାରେ ଚାଷୀଙ୍କ ପାଇଁ ମେଗା ଉଠା ଜଳସେଚନ ପ୍ରକଳ୍ପ ହୋଇଛି। ଖଡିଆଳ ମିଶନ ହସ୍ପିଟାଲକୁ ବିଏସକେୱାଇ କାର୍ଡଧାରୀଙ୍କୁ ଚିକିତ୍ସା ସୁବିଧାରେ ସାମିଲ କରାଯାଇଛି। ଏହିଭଳି ଅନେକ ଜନହିତକର ଯୋଜନା କାର୍ଯ୍ୟକାରୀ କରି ନବୀନ ପଟ୍ଟନାୟକ ଏହି ଅଞ୍ଚଳର ଜନସାଧାରଣଙ୍କ ହୃଦୟରେ ସ୍ଥାନ ପାଇଛନ୍ତି।

**ମନ୍ଦାକିନୀ ବଘେଲ, (ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା)**



ନବୀନ ପଟ୍ଟନାୟକ ଚିର ନମସ୍ୟ। ତାଙ୍କ ଦ୍ୱାରା କରାଯାଇଥିବା ଜନକଲ୍ୟାଣ ଯୋଜନା ଅଞ୍ଚଳରେ ବରଦାନ ପାଲଟିଛି। ଆମ ଅଞ୍ଚଳରେ ସ୍ମାର୍ଟ ପାର୍କ, ଆଦର୍ଶ ବଜାର, ମୋ ବ୍ୟାଙ୍କ ସେବା, ମିଶନ ଶକ୍ତି, ଜନସେବା ସୁବିଧା କେନ୍ଦ୍ର ସମେତ ରାସ୍ତାଘାଟ, ଆଦର୍ଶ ପୋଖରୀ, କଂକ୍ରିଟ କରଣ ସାଙ୍ଗକୁ ଅନେକ ବିକାଶ ଶୀର୍ଷକୁ ଛୁଇଁଛି। ଏପରିକି ଆମ ସୀମାନ୍ତ ଅଞ୍ଚଳରେ ଆମ ଗାଁକୁ ନୂତନ ପଞ୍ଚାୟତର ମାନ୍ୟତା ମିଳିବା ସହ ନୂତନ ଆକର୍ଷଣୀୟ ପଞ୍ଚାୟତ ଭବନ ହୋଇଛି। ଯାହା ଅନ୍ୟ କୌଣସି ସରକାର ଅମଳରେ ହୋଇ ନ ଥିଲା କି ଆଗକୁ ବି କୌଣସି ସରକାର କରି ପାରିବେ ନାହିଁ। ତେଣୁ ନବୀନ ପଟ୍ଟନାୟକ ଆମ ଅଞ୍ଚଳର ଜନମାନସରେ ଚିର ନମସ୍ୟ ହୋଇ ରହିବେ।

**ଗଣେଶ ପୋଢ (ନୂଆମାଳପଡ଼ା)**



ନବୀନ ପଟ୍ଟନାୟକଙ୍କ ସରକାର ଗରିବ, ନିରୀହ, ନିଷ୍ପେସିତମାନଙ୍କ ପାଇଁ ଯେଉଁ ମହତ କାର୍ଯ୍ୟ କରିଛନ୍ତି ତାହା ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ସେଥିପାଇଁ ତ ଭାରତ ବର୍ଷର ୧ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ସାରା ଦେଶରେ ସେ ପରିଚିତ। ତାଙ୍କର ଚିନ୍ତାଧାରା ଓ କାର୍ଯ୍ୟଶୈଳୀ ଭିନ୍ନ। ଜନସାଧାରଣଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ଏକାଧିକ ଐତିହାସିକ ଯୋଜନା କରି ସେ ଇତିହାସ ସୃଷ୍ଟି କରିଛନ୍ତି।

**ବନିତା ପୋଢ଼ (ସରପଞ୍ଚ, ନୂଆମାଳପଡ଼ା)**







### ପିକ୍‌ଅପ୍ ଧକ୍କାରେ ୨ ମୃତ ଘଟଣା

# ଚାରିମାସ ପରେ ଜଣେ ଅଭିଯୁକ୍ତ ଗିରଫ

**ବଲାଙ୍ଗିର, ୧୧।୬(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁନ୍ତଳା ଥାନା ଅନ୍ତର୍ଗତ ମଲମୁଣ୍ଡା ନିକଟରେ ଫେବୃଆରୀ ମାସରେ ହୋଇଥିବା ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ୫୭ ନଂ ଜାତୀୟ ରାଜପଥ ପାରି ହେଉଥିବା ବେଳେ ଏକ ପିକ୍‌ଅପ ଦୁଇ ଜଣଙ୍କୁ ଧକ୍କା ଦେଇଥିଲା।

ସୂଚନା ଅନୁସାରେ ଗତ ଫେବୃୟାରୀ ୧୫ ତାରିଖ ସଂଧ୍ୟା ସମୟରେ ୫୭ ନଂ ଜାତୀୟ ରାଜପଥ ଏସାର ପେଟ୍ରୋଲ ପମ୍ପ ନିକଟରେ ଏକ ପିକଅପ ଗାଡି ଦୁଇ ଜଣଙ୍କୁ ଧକ୍କା ଦେଇଥିଲା। ଛତାପିପଲ ଗାଁର ଖଗେଶ୍ୱର ଦୀପ ଓ ତାଲପାଲି ଗାଁର ବବି ନାଗ ରାଜପଥ ପାରି ହେଉଥିବା ବେଳେ ବଲାଙ୍ଗିର ଅଭିମୁଖେ ଆସୁଥିବା ଏକ ପିକଅପ ଧକ୍କା ଦେଇବା ଥାନାରେ ପ୍ରତ୍ୟକ୍ଷଦର୍ଶୀ ସଦାଶିବ ବାଗ ଅଭିଯୋଗ କରିଥିଲେ। ଦୁର୍ଘଟଣା ଘଟିବା ପରେ ଦୁଇ ଗୁରୁତର ଆହତଙ୍କୁ ସ୍ଥାନୀୟ ଲୋକେ ନିକଟସ୍ଥ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ସେମାନଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲା। ଅଭିଯୋଗ ହେବା ପରେ ପୁଇଁନ୍ତଳା ପୁଲିସ ଘଟଣାର ତଦନ୍ତ ଚଲାଇଥିବା ବେଳେ ପ୍ରାୟ ଚାରି ମାସ ପରେ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଜଣକ ହେଲେ ପୁଇଁନ୍ତଳା ଥାନା ନୂଆପାଲି ଗାଁର ବୃନ୍ଦାବନ ରାଉତ ହୋଇଥିବା ବେଳେ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

### ସହର ଛାଡ଼ି ଗାଁମୁହାଁ ଗଞ୍ଜେଇ ବେପାରୀ

# ଭଡ଼ାଘରୁ ଗଞ୍ଜେଇ ଜବତ, ଅଣଓଡ଼ିଆ ଦମ୍ପତି ଗିରଫ

**ବଲାଙ୍ଗିର/ଟିଟିଲାଗଡ଼, ୧୧।୬(ସମିସ)**

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ପୁଲିସ ଏକ ଅଣଓଡ଼ିଆ ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଦମ୍ପତି ଟଟିଟିଲାଗଡ଼ ଥାନା ଅନ୍ତର୍ଗତ ସିସକାନୀ ଗାଁର ଏକ ଭଡ଼ାଘରେ ପ୍ରାୟ ଏକ କ୍ୱିଣ୍ଟାଲ ଗଞ୍ଜେଇ ସହ ଧରାପଡ଼ିଥିଲେ। ତାଙ୍କ ଠାରୁ ଗଞ୍ଜେଇ ସହ ଦୁଇ ବାଇକ୍, ଏକ କାର୍ ମଧ୍ୟ ପୁଲିସ ଜବତ କରିଥିବା ବେଳେ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଟିଟିଲାଗଡ଼ ପୁଲିସ ସୂଚନା ଦେଇଛି। ତେବେ ଏହି ଗଞ୍ଜେଇ କେଉଁଠୁ ଆସିଥିଲା, କୁଆଡ଼େ ଯାଇଥାନ୍ତା ତାହା ପୁଲିସ ସ୍ପଷ୍ଟ କରିନାହିଁ।

ସୂଚନା ଅନୁସାରେ ଟିଟଟିଲାଗଡ଼ ପୁଲିସ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସିସକାନୀ ଗାଁରେ ଏକ ଭଡ଼ାଘରେ କିଛି



ଅପରିଚିତ ବ୍ୟକ୍ତି ଗଞ୍ଜେଇ ରଖିଥିବା ସୂଚନା ପାଇଥିଲା। ଏହି ସୂଚନା ପାଇବା ପରେ ଉକ୍ତ ଟିମ ସିସକାନୀ ଗାଁରେ ଚଢ଼ଉ କରିଥିଲା। ଉକ୍ତ ଘରେ ପୁଲିସ ପହଞ୍ଚିବା ପରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଜଣେ ପୁରୁଷ ଓ ମହିଳା ଫେରାର ହେବାକୁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କୁ ପିଛା କରି ଧରିବାରେ ସଫଳ ହୋଇଥିଲା। ତେବେ ଉଭୟ ସ୍ୱାମୀ ସ୍ତ୍ରୀ

**୧ କ୍ୱିଣ୍ଟାଲ ଗଞ୍ଜେଇ ସହ ଦୁଇ ବାଇକ୍ ଓ କାର୍ ଜବତ**

ହୋଇଥିବା ବେଳେ ସେମାନେ ମଧ୍ୟପ୍ରଦେଶ ଜବଲପୁର ଅଞ୍ଚଳର ଅଙ୍କିତ କୋରୀ ଓ ମନିସକା କୋରୀ ବୋଲି ପରିଚୟ ଦେଇଥିଲେ। ଉକ୍ତ ଘରେ ୬୬ ଟି ପଲିଥିନ ପ୍ୟାକେଟ ମଧ୍ୟ ପୁଲିସ ଜବତ କରିଥିଲା। ଯେଉଁଥିରୁ କି ପ୍ରାୟ ୧ କ୍ୱିଣ୍ଟାଲ ୩୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହା ସହିତ ଦୁଇଟି ବାଇକ ଓ କାର ପୁଲିସ ଜବତ କରିଥିଲା। ଉକ୍ତ ଦମ୍ପତିଙ୍କୁ ଅଟକ ରଖି ପୁଲିସ ପଚରାଉଚୁରା କରିବା ସମୟରେ ଏହି ଗଞ୍ଜେଇ ବିକ୍ରୟ କରିବା ଉଦ୍ଦେଶ୍ୟରେ ଭଡ଼ା ଘରେ ରଖାଯାଇଥିବା ପୁଲିସ ସୂଚନା ପାଇଥିଲା। ତେବେ ଏତେ ପରିମାଣର ଗଞ୍ଜେଇ କେମିତି ଉକ୍ତ ଗାଁକୁ ଆସିଲା, ଏହି କାରବାର କେବେଠୁ ସିସକାନୀ ଗାଁରେ ଚାଲିଛି, ଏହି ଦମ୍ପତି କେବେଠାରୁ ଆସିଛନ୍ତି ଓ ସେମାନଙ୍କୁ କିଏ ସହଯୋଗ କରୁଛି ତାହା ବଡ଼ ପ୍ରଶ୍ନ। ବିନା ସ୍ଥାନୀୟ ଲୋକଙ୍କ ସହାୟତାରେ ଗଞ୍ଜେଇ ଭଳି ବେଆଇନ କାରବାର କରିବା ସେତେଟା ସହଜ ନୁହେଁ କିନ୍ତୁ ଏହି ଦମ୍ପତି କିଭଳି ଖୋଲାଖୋଲି ଏହି କାରବାର ଚଲାଇଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ପୁଲିସ ଉକ୍ତ ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ମାମଲାର ତଦନ୍ତ ଚାଲଥିବା ସୂଚନା ଦେଇଛି।

# ଉପ ମୁଖ୍ୟମନ୍ତ୍ରୀ ହେବେ କନକବର୍ଦ୍ଧନ

**ବଲାଙ୍ଗିର, ୧୧।୬(ସମିସ):** ପୂର୍ବତନ ମନ୍ତ୍ରୀ ତଥା ପାଟଣାଗଡ଼ର ନବ ନିର୍ବାଚିତ ବିଧାୟକ କନକବର୍ଦ୍ଧନ ସିଂଦେଓ ମଙ୍ଗଳବାର ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ସମଗ୍ର ବଲାଙ୍ଗିର ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି। ଶ୍ରୀ ସିଂଦେଓ ଉପ ମୁଖ୍ୟମନ୍ତ୍ରୀ ହେବାକୁ ଯାଇଥିବାରୁ ବିଜେପି ଶିବିର ଉଲ୍ଲସିତ ହେବା ସହ ଅଞ୍ଚଳବାସୀ କୁସି ମନାଇଛନ୍ତି।



### ସେମାନଙ୍କ ମୁହଁରୁ



ବିଜେପି ପ୍ରଥମ କରି ଓଡ଼ିଶାରେ ସରକାର ଗଠନ କରିବାକୁ ଯାଉଛି। ଦଳର ସର୍ବସମ୍ମତି କ୍ରମେ ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓଙ୍କୁ ଉପ ମୁଖ୍ୟମନ୍ତ୍ରୀ ପଦ ଦେଇଥିବାରୁ ଆମେ ଅଞ୍ଚଳବାସୀ ଅତ୍ୟନ୍ତ ଖୁସି ଓ ଅଞ୍ଚଳ ପାଇଁ ଗୌରବର ବିଷୟ।

**ସୟଦ ଅବଦୁଲ ଶିରାଜ**



ବିଜେପି ଦଳର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି କ ନ କ ବ ର୍ଦ୍ଧ ନ ସିଂଦେଓଙ୍କୁ ବିଜେପି ଦଳ ଉପ ମୁଖ୍ୟମନ୍ତ୍ରୀ ପଦ ଦେଇଥିବାରୁ ପଶ୍ଚିମ ଓଡ଼ିଶା ତଥା ବଲାଙ୍ଗୀର ଜିଲ୍ଲା ପାଇଁ ଗୌରବ। ଶ୍ରୀ ସିଂଦେଓ ଅଞ୍ଚଳ ପାଇଁ ବିକାଶ ଧାରାକୁ ଆଗେଇନେବା ସହ ଅଞ୍ଚଳବାସୀ ତରଫରୁ ସ୍ୱାଗତ ଜଣାଉଛୁ।

**ନରେଶ ହୋତା**



ପାଟଣାଗଡ଼ରୁ ଷଷ୍ଠ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି କନକବର୍ଦ୍ଧନ ସିଂଦେଓଙ୍କୁ ଦଳ ଉପ ମୁଖମନ୍ତ୍ରୀ ପଦରେ ଅଳଙ୍କୃତ କରିଥିବାରୁ ଦଳର କେନ୍ଦ୍ରୀୟ ନେତୃତ୍ୱ ଓ ଓଡ଼ିଶା ନେତୃତ୍ୱକୁ ଶୁଭେଚ୍ଛା। ଶ୍ରୀ ସିଂଦେଓ ରାଜନୀତି କ୍ଷେତ୍ରରେ ମାଇଲଖୁଣ୍ଟ ତାଙ୍କ ପାଇଁ ପଶ୍ଚିମ ଓଡ଼ିଶାରେ ଦଳର ପ୍ରଦର୍ଶନ ଭଲ ରହିଥିଲା। ତାଙ୍କୁ ଉପ ମୁଖ୍ୟମନ୍ତ୍ରୀ ପଦ ଦେଇଥିବାରୁ ପଶ୍ଚିମ ଓଡ଼ିଶା ତଥା ଜିଲ୍ଲାବାସୀ ଓ ପାଟଣାଗଡ଼ ଅଞ୍ଚଳବାସୀଙ୍କ ତରଫରୁ କୃତଜ୍ଞତା ଜଣାଉଛୁ।

**ବିଶ୍ୱଜିତ ହୋତା**

# ଗଞ୍ଜେଇ ଜବତ; ଜଣେ ଗିରଫ

**ପାଟଣାଗଡ଼, ୧୧।୬(ସମିସ):** ସୋମବାର ସନ୍ଧ୍ୟାରେ ପାଟଣାଗଡ଼ ଅବକାରୀ ବିଭାଗ ଅଧିକାରୀ ରାଜକୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ ବେଳେ ନେହେନାବନ୍ଧ ଗ୍ରାମରୁ ୨୨ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସୂଚନାନୁସାରେ ଉକ୍ତ ଗ୍ରାମର ବନମାଳୀ ବାଗ ଗଂଜେଇ କାରବାର କରୁଥିବା ସୂଚନା ପାଇ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିଲା। ଖବର ପାଇ ବନମାଳୀ ବାଗ ଗଞ୍ଜେଇ ଧରି ଫେରାର ବେଳେ ତାଙ୍କ ଘରଆଗରୁ ତାକୁ କାବୁ କରିଥିଲେ। ଏନେଇ ଆଇଆଇସି ଏନଡିପିସି ଅନୁସାରେ ମାମଲା ରୁଜୁ କରି ବନମାଳୀ ବାଗକୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ ହଜାର ଟଙ୍କା ହେବ। ଅଭିଯୁକ୍ତ ନାମରେ ବିଭିନ୍ନ ଥାନାରେ ମାମଲା ଅଛି ବୋଲି ଅବକାରୀ ଅଧିକାରୀ ଶ୍ରୀ ବେହେରା କହିଛନ୍ତି।



# ବାଲୁକାକଳାରେ ଶିଶୁ ଶ୍ରମିକ ନିରୋଧ ବାର୍ତ୍ତା

**ବଲାଙ୍ଗିର, ୧୧।୬(ସମିସ):** ପ୍ରତିବର୍ଷ ଜୁନ ୧୨ ତାରିଖକୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଭାବେ ପାଳନ କରାଯାଏ। ପ୍ରତିବର୍ଷ ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ, ଫୁଲବାଣୀର ହଜାର ହଜାର ସଂଖ୍ୟାରେ ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି। ବାପା ମା'ଙ୍କ ସହ ଯାଉଥିବା ଛୋଟ ଶିଶୁ ମଧ ସେଇଠି ଶ୍ରମିକ ସାଜିଥାନ୍ତି।



ଫଳରେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଡ୍ରପ୍ ଆଉଟ ସଂଖ୍ୟା ବଢ଼ିଥାଏ। ଏବାବଦରେ ନବ ନିର୍ବାଚିତ ସରକାରଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ଛୋଟ ପିଲାମାନେ ଇଟାଭାଟିରେ କାମ କରୁଥିବାର ଦୃଶ୍ୟକୁ ନିଖୁଣ ଭାବରେ ଅଙ୍କନ କରି ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସର ବାର୍ତ୍ତା ପ୍ରଦାନ କରିଛନ୍ତି।

# ମହିମୁଣ୍ଡାରେ ଶୀତଳଷଷ୍ଠୀ

**ପୁଇଁତଲା, ୧୧।୬ (ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅର୍ନ୍ତଗତ ମହିମୁଣ୍ଡା ଗ୍ରାମରେ ଶୀତଳ ଷଷ୍ଠୀ ପର୍ବ ଅନୁଷ୍ଠିତ ହୋଇଯାଇଛି। ମହିମୁଣ୍ଡା ସ୍ଥିତ କଲେଜ ଛକଠାରେ ଗତ ୯ ତାରିଖ ଦିନ ଠାରୁ ଶୀତଳ ଷଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ୯ ତାରିଖ ଦିନ ସନ୍ଧ୍ୟା ୫ଟାରେ କଳସ ଯାତ୍ରା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୧୦ ତାରିଖ ଦିନ ରଚନା ତ୍ରିପାଠୀଙ୍କ ସୁନ୍ଦରା କାଣ୍ଡ ପାରାୟଣ। ୧୧ ତାରିଖରେ ସନ୍ଧ୍ୟାରାଣୀ ଯୋଷୀଙ୍କ ଅରଣ୍ୟକାଣ୍ଡ ପଠନ କାର୍ଯ୍ୟକ୍ରମ କରାଯାଇଥିଲା। କର୍ତ୍ତା ଭାବେ ବିଳାସିନୀ ବିଶ୍ୱାଳ ଓ ରାଜୀବ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ଯେ ଗତ ୬ ବର୍ଷ ତଳେ ମହିମୁଣ୍ଡାରେ



ଶୀତଳଷଷ୍ଠୀ ପର୍ବର ଆରମ୍ଭ କରାଯାଇଥିଲା। ବିପିନ ବିହାରୀ ପଣ୍ଡା, କଣ୍ଠୁରୀଚରଣ ସାହୁ, ଗୁଣନିଧି ସାହୁ, ଭୂଷଣ ବିଶ୍ୱାଳ, ଧବଳେଶ୍ୱର ପୁଟେଲ ପ୍ରମୁଖ ଏହି ପର୍ବ ପାଳନ ଆରମ୍ଭ କରିଥିଲେ। ଯାହା ଅଦ୍ୟାବଧି ପାଳିତ ହୋଇଆସୁଛି।

# ଜୁଆଆଡ୍ଡାରେ ଚଢ଼ଉ; ୫ ଗିରଫ

**ତୁରେକେଲା, ୧୧।୬ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ପୁଲିସ ସୋମବାର ରାତିରେ ଏକ ଜୁଆ ଆଡ୍ଡାରେ ଚଢଉ କରି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଅନୁସାରେ ଅନେକ ଦିନରୁ ତୁରେକେଲା ଅଞ୍ଚଳରେ ରାତ୍ରି ସମୟରେ ଜୁଆ ଖେଳ ଚାଲିଥିବା ଖବର ରହି ଥିବାବେଳେ ଏହି ଦଳ ଜୁଆ ଖେଳ ଚଳାଇ ଅଞ୍ଚଳରେ କାୟାବିସ୍ତାର କରିଆସୁଛନ୍ତି। ସୋମବାର ତୁରେକେଲା ପୁଲିସ ଏମାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଲପଡ଼ାର ଅଚ୍ୟୁତାନନ୍ଦ ମେହେର, ଦୁଲେଶ୍ୱର ପଟେଲ, ଲର୍କି ଗାଁର ଫାଲଗୁନି



ମେହେର, ତୁରେକେଲାର ଆଶିଷ ପଶାୟତ, ଲକ୍ଷ୍ମଣ ପଟେଲ। ସେମାନଙ୍କ ପାଖରୁ ନଗଦ ୧୦ ହଜାର ୩୦୦ ଟଙ୍କା, ଘୁଡଘୁଡୁ ପଟି, ତାଲା ୬ଟି ଓ ୫ଟି ମୋବାଇଲ ଫୋନ ଜବତ କରାଯିବା ସେମାନଙ୍କୁ କୋର୍ଟଚାଲାଣ କରିଥିବା ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।

### ମା' ଗଙ୍ଗାମାଇଙ୍କ ଭୋଗ ବଣ୍ଟନ

**କଣ୍ଟାବାଞ୍ଜି, ୧୧।୬(ସମିସ):** ଅନେକ ବର୍ଷ ଧରି କଣ୍ଟାବାଞ୍ଜି ସହରରେ ମା' ଗଙ୍ଗାମାଇଙ୍କ ପୂଜା ଓ ମହୋତ୍ସବ ବହୁତ ଧୁମଧାମରେ ପାଳନ କରାଯାଉଛି। ଚଳିତ ବର୍ଷ ମା'ଙ୍କ ମହୋତ୍ସବ ମେ' ୩୦ରୁ ଜୁନ୍ ୫ ପର୍ଯ୍ୟନ୍ତ ପାଳିତ ହୋଇଥିବା ବେଳେ ମଙ୍ଗଳବାର ମନ୍ଦିର ପରିସରରେ ଆୟୋଜକ କମିଟି ପକ୍ଷରୁ ମା'ଙ୍କ ଭୋଗ ବଣ୍ଟନ କରାଯାଇଛି। ଏହାକୁ ସେବନ କରିବାକୁ ଶହଶହ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କଣ୍ଟାବାଞ୍ଜି ଆଖପାଖ ଅଞ୍ଚଳରେ ମା' ଗଙ୍ଗାମାଇ ଉପରେ ଭକ୍ତଙ୍କ ବେଶ ବିଶ୍ୱାସ ରହିଛି। ଆୟୋଜକ କମିଟି ସଭାପତି କୈଳାଶ ଦୀପ, ସୁନିଲ ଦୀପ, ଜସପାଳ ସୁନା, ନାଗେଶ୍ୱର ଦୀପ, ବିବେକ ରାୟ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ସବୁ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ବଲାଙ୍ଗିର, ୧୧।୬(ସମିସ)**

ବଲାଙ୍ଗିର ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲଠାରେ ଆଭାସୀ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ଗୌରଓ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ଆସିଷ୍ଟାଣ୍ଟ କଲେକ୍ଟର (ଜରୁରୀକାଳିନ ବିଭାଗ) ସସ୍ମିତା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଅଗ୍ନିଶମ ଏବଂ ଓଡ୍ରାଫର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ମୁଖ୍ୟାଳୟ ଓସ୍ୱାନ ହଲ୍‌ରେ ସମ୍ପୃକ୍ତ ଉପ ଜିଲ୍ଲାପାଳ, ପଞ୍ଚାୟତ ସମିତିର ଅଧ୍ୟକ୍ଷଅଧ୍ୟକ୍ଷା, ପୌର ପରିଷଦ ଓ ଏନଏସିର ଅଧ୍ୟକ୍ଷଅଧ୍ୟକ୍ଷା, ବିଡିଓ, ତହସିଲଦାର ତଥା ବିଭିନ୍ନ ବିଭାଗର ଅଧିକାରୀମାନେ ଅଭାସି ମାଧ୍ୟମରେ ଏହି ବୈଠକରେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଓଡ଼ିଶା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଶ୍ରେଷ୍ଠ ଥିବାବେଳେ ଏହା କିପରି ଆଗକୁ ବଳବତ୍ତର ରହିବ ସେଥିପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀ ମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପବିତ୍ର ବେହେରା ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଜିଲ୍ଲାରେ ପ୍ରାକ ପ୍ରସ୍ତୁତି



ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବୈଠକରେ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଜିଲ୍ଲା କାର୍ଯ୍ୟାଳୟ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ତହସିଲ ଓ ଜରୁରୀ ସେବା ଯୋଗାଉଥିବା ସମସ୍ତ କାର୍ଯ୍ୟାଳୟ ଗୁଡ଼ିକରେ କଣ୍ଟ୍ରୋଲ ରୁମ ଖୋଲାଯିବ। ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳି ଅଞ୍ଚଳ ଗୁଡ଼ିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟ ସ୍ଥଳୀଗୁଡ଼ିକ ଚିହ୍ନଟ କରି ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପାଣି ଜମିରହୁଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ସମସ୍ତ ନଳାଗୁଡ଼ିକୁ ସଫା କରିବା, ବଲାଙ୍ଗିର ପୌରପରିଷଦ ଅନ୍ତର୍ଗତ ଲକ୍ଷ୍ମୀ ଜୋରର ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମ୍ପୂର୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳ ଯୋଗାଣ କୁ ସୁବନ୍ଦୋବସ୍ତ କରିବା ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟଗୁଡ଼ିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡ଼ର ଇତ୍ୟାଦି ମହଜୁଦ କରି ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସାପ କାମୁଡ଼ା ଇଞ୍ଜେକସନ ଉପଲବ୍ଧ ଥିବା ସିଡିଏମଓ ଗୃହକୁ ଜଣେଇଥିଲେ। ସମ୍ଭାବ୍ୟ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ଔଷଧ ରଖିବା ଓ ଟୀକାକରଣ କରିବାକୁ ସିଡିଭିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟା ପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପ୍ରବଣ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳ ରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଚୂଡ଼ା, ଚାଉଳ, କିରୋସିନୀ, ଦିଆସିଲ, ମହମବତୀ ଇତ୍ୟାଦି ସାମଗ୍ରୀ ଯଥେଷ୍ଟ ମହଜୁଦ କରି ରଖିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ପୌର ପରିଷଦ ଏବଂ ଏନଏସି ଅନ୍ତର୍ଗତ ସମସ୍ତ ୱାର୍ଡ ଓ ବସ୍ତିରେ ଥିବା ନାଳଗୁଡିକୁ ଯଥାଶୀଘ୍ର ସଫେଇ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଆବିର୍ଭାବ: ୧୦.୦୮.୧୯୨୮
ତିରୋଧାନ: ୨୫.୦୫.୨୦୨୩

୰ନାରାୟଣ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ । ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୁ-ଅଂଶୁ ତ୍ରିପାଠୀ,
ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା
ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
C/1290, 1st Floor, CDA, Sector-VI, Cuttack-753014

ସୌଜନ୍ୟ-
30 Years Celebrating P&A
PIXCELADS
hp Minerals
M Fashion
WEALTHVITA IMF PRIVATE LIMITED

# ଶିଶୁ ଶ୍ରମିକ ନିରାକରଣ ପାଇଁ ବାହାରିଲା ସଚେତନତା ରଥ



**ରାଉରକେଲା, ୧୧।୬(ସମିସ)**

ରାଜ୍ୟରେ ଶିଶୁଙ୍କୁ ଶ୍ରମିକ ଭାବରେ ନିୟୋଜିତ କରୁଥିବା ବ୍ୟକ୍ତି, ଉଦ୍ୟୋଗ ଏବଂ ଶିକ୍ଷାନୁଷ୍ଠାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ରାଉରକେଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଏହି ରଥକୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ସି ଉଦଘାଟନ କରିଥିଲେ। ଏହି ଅବସରରେ କୁଲକର୍ଣ୍ଣି କହିଲେ ଯେ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜନକୁ ଆଇନତଃ ବାରଣ କରାଯାଇଛି। ଏପରି କାମ କରାଉଥିବା ବ୍ୟକ୍ତି ବା ସଂସ୍ଥାକୁ ୫୦ ହଜାର ଟଙ୍କା ଜରିମାନା କିମ୍ବା ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯିବା ବ୍ୟବସ୍ଥା ରହିଛି। ଏପରିକି ଉଭୟ ଜେଲ ଓ ଜରିମାନା ଦଣ୍ଡ କରାଯିବା ବ୍ୟବସ୍ଥା ରହିଛି। ପୁନର୍ବାର ଏପରି ଭୁଲ୍ କଲେ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ବ୍ୟବସ୍ଥା ରହିଛି। ୧୪ ବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ କୌଣସି କାର୍ଯ୍ୟରେ ନିୟୋଜନ କରିବା ଏବଂ ୧୫ ବର୍ଷରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନ କରିବା ଧର୍ତ୍ତବ୍ୟ ଅପରାଧ। ଯଦି କୌଣସି ବ୍ୟକ୍ତି ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ କିମ୍ବା ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତି ବା ପ୍ରକ୍ରିୟାରେ ନିୟୋଜନ କରିଛନ୍ତି ତେବେ ଅବିଳମ୍ବେ ନିଜ ଜିଲ୍ଲାର ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରାଇବାକୁ କୁଲକର୍ଣ୍ଣି କହିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ, ଯଶୋବନ୍ତ ଅମାତ, ଶ୍ରମିକ ନେତା ଜାହାଙ୍ଗୀର ଅଲ୍ଲୀ, ଦିଗମ୍ବର ମହାନ୍ତି, ପ୍ରଶାନ୍ତ ମାଝୀ, ଗଗନ ଦାଶ, ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଣାଇଁରେ ମହାଆଡ଼ମ୍ବରରେ ଶୀତଳଷଷ୍ଠୀ ପାଳିତ

# ବିବାହ ସାରି ମନ୍ଦିର ପ୍ରବେଶ କଲେ ଦେବ ଦମ୍ପତି



**ବଣାଇଁ, ୧୧।୬(ସମିସ):** ଶାସ୍ତ୍ରାନୁସାରେ ଦେବ, ମାନବ, ଦାନବ ସଭିଏଁ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। ଏହି ପାରମ୍ପରିକ ଧାରାକୁ ବଜାୟ ରଖିବା ପାଇଁ କାହିଁ କେଉଁ କାଳରୁ ପାଳିତ ହୋଇ ଆସୁଛି ପବିତ୍ର ଶୀତଳଷଷ୍ଠୀ ତଥା ଦେବ ଦେବ ମହାଦେବଙ୍କ ବିବାହ ଉତ୍ସବ। ଏହି ପବିତ୍ର ଦିବସରେ ମହାଦେବ ମାତା ସତୀଙ୍କୁ ବିବାହ କରିଥାନ୍ତି। ସେଥିପାଇଁ ଓଡ଼ିଶାର ବିଭିନ୍ନ ଶୈବପୀଠରେ ଏହି ଉତ୍ସବକୁ ମହା ଆଡ଼ମ୍ବରରେ ପାଳନ କରାଯାଇଥାଏ।

ବଣାଇଁ ସହରସ୍ଥିତ କୋପେଶ୍ୱର ମନ୍ଦିରରେ ବୁଧବାର ଦିନ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି ମହାଦେବଙ୍କ ବିବାହ ନୀତି। ଏହି ଅବସରରେ ସନ୍ଧ୍ୟାରେ ନୀତିକାନ୍ତି ମୁତାବକ ପୂଜାର୍ଚ୍ଚନା ପରେ ବାବା ବାଣେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରୁ ବରଯାତ୍ରୀ ବାହାରି କୋପେଶ୍ୱର ମନ୍ଦିରକୁ ଯାଇଥିଲା। ବଣାଇଁର ଦମୟନ୍ତୀ ନନ୍ଦ ଓ ଅମିତ କୁମାର ନନ୍ଦଙ୍କ ମାନସ ପୁତ୍ର ଶିବ ଏବଂ ଅଞ୍ଜନା ତ୍ରିପାଠୀ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ମାନସ କନ୍ୟା ମାତା ପାର୍ବତୀ ଦେବୀଙ୍କ ବିବାହ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ବ୍ରାହ୍ମଣ ଗୁଣନିଧି ମିଶ୍ର ଓ ଦିଲୀପ ଦାଶ ବୈଦିକ ରୀତିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଏହି ବିବାହ କାର୍ଯ୍ୟ ସମ୍ପାଦନ ହୋଇଥିଲା। ବାବା ବାଣେଶ୍ୱର ମନ୍ଦିର କମିଟି ଓ ଶୀତଳଷଷ୍ଠୀ ଆୟୋଜନ କମିଟି ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ବଣାଇଁ ସହର ପରିକ୍ରମା କରି ମହାଦେବ ଓ ମାତା ପାର୍ବତୀ ମନ୍ଦିର ପ୍ରବେଶ କରିଛନ୍ତି। ଶ୍ରଦ୍ଧାଳୁମାନଙ୍କ ନାଚଗୀତରେ ପାଳିତ ହୋଇଛି ଏହି ଉତ୍ସବ। ବୁଧବାର ଚତୁର୍ଥୀ ହୋମ ସହିତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରଭୁକୃପା ଲାଭ କରିବା ନିମନ୍ତେ ବାବା ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ଓ ଶୀତଳଷଷ୍ଠୀ ପାଳନ କମିଟି ପକ୍ଷରୁ ନିବେଦନ କରାଯାଇଛି।

# 'ଡିଜିଟାଇଜେସନ୍ ଦ୍ୱାରା ବ୍ୟବସ୍ଥା ଅଧିକ ଦକ୍ଷ ହୋଇପାରିବ'



**ରାଉରକେଲା, ୧୧।୬(ସମିସ):** ଆମ ବ୍ୟବସ୍ଥାକୁ ଅଧିକ ଦକ୍ଷ ଏବଂ ପାରଦର୍ଶୀ କରିବା ପାଇଁ ଡିଜିଟାଇଜେସନ୍ ଅଭିଯାନକୁ ଆହୁରି ମଜବୁତ କରିବାକୁ ହେବ ବୋଲି ଆର୍‌ଏସ୍‌ପି ଅର୍ଥ ବିଭାଗ ସମ୍ମେଳନ କକ୍ଷରେ ସୋମବାର ଆୟୋଜିତ ଏକ ଅଧିବେଶନରେ କାରଖାନାର ଅର୍ଥ ବିଭାଗ ସାମୂହିକଙ୍କୁ ଉଦବୋଧନ ଦେଇ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ କହିଛନ୍ତି। ଉକ୍ତ ବୈଠକରେ ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ ଉପସ୍ଥିତ ଥିଲେ। ଏହି ଅବସରରେ ନିଜ ଅଭିଭାଷଣରେ ଭୌମିକ ମେଡିକାଲ୍ ଏବଂ ଟାଉନସିପ୍‌ରେ ସମ୍ପଦର ମୁଦ୍ରୀକରଣ ତଥା କାରଖାନାର ଅପରେସନଗୁଡ଼ିକରେ ବ୍ୟୟ ନିପୁଣତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ବେହୁରିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଆରଏସପିର ଅଭିବୃଦ୍ଧି କ୍ଷେତ୍ରରେ 'ଚୁନୌତି' ପଦକ୍ଷେପର ଦ୍ୱରକ ସ୍ୱରୂପ 'ବହମ୍' କର୍ମଶାଳାର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧିବେଶନ ସମୟରେ ଅର୍ଥ ବିଭାଗର କାର୍ଯ୍ୟକାରିତା ଉପରେ ବିତ୍ତ ଓ ଲେଖା ବିଭାଗ ଡିଜିଏମ୍ ଆରଆର ଷଡ଼ଙ୍ଗୀ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ ଯେଉଁଥିରେ ବିଭାଗର ଉଦ୍ଦେଶ୍ୟ, ଲକ୍ଷ୍ୟ, ସଫଳତା, ଭୂମିକା ତଥା ଭବିଷ୍ୟତ ଯୋଜନା ଆଦି ସ୍ଥାନ ପାଇଥିଲା। ପରେ ଅନୁଷ୍ଠିତ ମତବିନିମୟ ଅଧିବେଶନରେ ଉପସ୍ଥାପିତ ପ୍ରତ୍ୟେକ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବିତ୍ତ ଓ ଲେଖା ବିଭାଗ ଜିଏମ ବିକେ ସିଂ ଧନ୍ୟବାଦ ଅର୍ପଣ କରିଥିବାବେଳେ ଏଜିଏମ ଏନସି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏନ୍‌ଆଇଟିରେ 'ରୋବୋଟିକ୍ସ ଏବଂ ଏଆଇ ଇଞ୍ଜିନିୟରିଂ ଆଣ୍ଡ ସାଇନ୍ସ' ଉପରେ ସମ୍ମିଳନୀ

**ରାଉରକେଲା, ୧୧।୬(ସମିସ):** ଏନଆଇଟି ରାଉରକେଲାର ମେକାନିକାଲ୍ ଇଞ୍ଜିନିୟରିଂ ଏବଂ ଇଣ୍ଡଷ୍ଟ୍ରିଆଲ ଡିଜାଇନ ବିଭାଗ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର 'ଇଞ୍ଜିନିୟରିଂ ଓ ବିଜ୍ଞାନ କ୍ଷେତ୍ରରେ ରୋବୋଟ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ-୨୦୨୪' ଉପରେ ଦୁଇଦିନିଆ ହାଇବ୍ରିଡ୍ ସମ୍ମିଳନୀ ଉଦଘାଟିତ ହୋଇଛି। ଏହି ସମ୍ମିଳନୀରେ ବିଶେଷଜ୍ଞ ଏବଂ ଅନୁସନ୍ଧାନକାରୀଙ୍କୁ ଏକତ୍ରିତ କରି ରୋବୋଟିକ୍ସ ଏବଂ ଏଆଇର ଅତ୍ୟାଧୁନିକ ଅଗ୍ରଗତି ବିଷୟରେ ଆଲୋଚନା ହେଉଛି। ସମଗ୍ର ଦେଶରେ ଅନୁସନ୍ଧାନକାରୀଙ୍କ ମୋଟ ୪୧ଟି କାଗଜପତ୍ରକୁ ଉପସ୍ଥାପନା ପାଇଁ ଚୟନ କରାଯାଇଛି। ମୋଟ ୬୨ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫୨ ଜଣ ଗବେଷକ ଆଭାସୀ ଯୋଗେ ଯୋଗଦେଉଥିବା ବେଳେ ୧୦ ଜଣ ବ୍ୟକ୍ତିଗତ ଭାବେ ଯୋଗଦେଇଛନ୍ତି।



ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଡାୟଲ ଆର ପାତ୍ରୀ କହିଛନ୍ତି, ଏହି ସମ୍ମିଳନୀ ୧୦ଟି ଭିନ୍ନ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରୁଛି। ଆଧୁନିକ ଇଞ୍ଜିନିୟରିଂ ଏବଂ ବିଜ୍ଞାନରେ ରୋବୋଟିକ୍ସ ଏବଂ ଏଆଇର ପରିବର୍ତ୍ତନଶୀଳ ସମ୍ଭାବନାକୁ ଅନୁସନ୍ଧାନ କରିବା ଆମ ଲକ୍ଷ୍ୟ। ପ୍ରୟାସ ଏଆଇ, ଚାଟ୍ ଜିପିଟି, ମେସିନ୍ ଲର୍ନିଂ, ରୋବୋଟିକ୍ସ ଏବଂ ଅଟୋମୋବାଇଲ୍ ଇଞ୍ଜିନିୟରିଂର ବିଭିନ୍ନ ଦିଗ ଉପରେ କାଗଜପତ୍ର ଉପରେ ଗୁରୁତ୍ୱ ଦେଇଥାଏ ବୋଲି ସେ କହିଥିଲେ। ମେକାନିକାଲ୍ ବିଭାଗ ମୁଖ୍ୟ ପ୍ରଫେସର ସରୋଜ କୁମାର ପଟେଲ କହିଛନ୍ତି ଯେ ଏଆଇ ଏବଂ ଏମଏଲ୍‌ର ଅଗ୍ରଗତିକୁ ଦୃଷ୍ଟିରେ ରଖି ଆମେ ଜାତୀୟ ଶିକ୍ଷାନୀତି-୨୦୨୦ ସହ ସମାନ ହେବା ପାଇଁ ଆମ ଏକାଡେମିକ୍ ପାଠ୍ୟକ୍ରମକୁ ଅଦ୍ୟତନ କରିଛୁ। ଏହି ସଂଶୋଧିତ ପାଠ୍ୟକ୍ରମର ଏକ ଦିଗ ହେଉଛି ଯେ ପ୍ରତ୍ୟେକ ବି-ଟେକ୍, ଏମ୍-ଟେକ୍ ଏବଂ ଇଣ୍ଟିଗ୍ରେଟେଡ୍ ଏମ୍‌ଏସି ଛାତ୍ରଛାତ୍ରୀ କୋର୍ସ କାର୍ଯ୍ୟକ୍ରମର ଏଆଇ ଓ ମେସିନ ଲର୍ନିଂ ଉପରେ ୨୦ଟି କ୍ରେଡିଟ ପଏଣ୍ଟ ସମ୍ପୂର୍ଣ୍ଣ କରିବେ ବୋଲି ସେ ସୂଚନା ଦେଇଥିଲେ।

ସମ୍ମିଳନୀକୁ ଉଦ୍‌ଘାଟନ କରି ଏନଆଇଟି ରାଉରକେଲା ନିର୍ଦ୍ଦେଶକ ଇନ୍-ଚାର୍ଜ ପ୍ରଫେସର ଚନ୍ଦନ କୁମାର ସାହୁ କହିଲେ ଯେ ଏହି ପ୍ରକାର ସମ୍ମିଳନୀ ଅତ୍ୟନ୍ତ ଜରୁରୀ, କାରଣ ଏହା ଗ୍ରାଉଣ୍ଡ ଭାଙ୍ଗିବା ଅନୁସନ୍ଧାନ, ସୃଜନଶୀଳ ପ୍ରୟୋଗ ଏବଂ ଉଦୀୟମାନ ଧାରା ଉପରେ ଅନୁସନ୍ଧାନ କରିବ। ଏହି ସମ୍ମିଳନୀରୁ ସମସ୍ତ ଅଂଶଗ୍ରହଣକାରୀ ମୂଲ୍ୟବାନ ଜ୍ଞାନ ହାସଲ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଇଭେଣ୍ଟ ସଂଯୋଜକ ପ୍ରଫେସର ବିବିଭିଏଲ ଦୀପକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବ୍ୟକ୍ତିତ୍ୱ ଡ. ମାଇକେଲ ପ୍ୟାକିଆନେଥର୍ ଯୋଗଦେଇଛନ୍ତି। ୯ଟି ବୈଷୟିକ ଅଧିବେଶନ ଏବଂ ୪୧ଟି ଉପସ୍ଥାପନା ସହ ଏହି ଦୁଇ ଦିନିଆ କର୍ମଶାଳାରେ 'ଅଟୋମେସନ୍ ଏବଂ ସର୍ଭିଲାନ୍ସ ପାଇଁ ୱାଟର ରୋବୋଟ ପ୍ରୟୋଗ', 'ରୋବୋଟିକ୍ ଆର୍ମସ୍ ଦ୍ୱାରା ଅଟୋମେସନ୍ ଏବଂ ମେସିନ୍ ଲର୍ନିଂ', 'ଡିଜାଇନ୍ ପାଇଁ ଏଆଇ ଏବଂ ରୋବୋଟ ବ୍ୟବହାର' 'ସ୍ମାର୍ଟ ଉତ୍ପାଦନ', 'ସ୍ପେସ୍ ଏବଂ ଅନ୍ୟାନ୍ୟ ଅନୁସନ୍ଧାନ ପାଇଁ ରୋବୋଟ୍ ଏବଂ ଏଆଇର ସାମଗ୍ରିକ ବ୍ୟବହାର', 'ଡିଜାଇନ୍ ଏବଂ ଉତ୍ପାଦନରେ ଏଆଇ ଏବଂ ରୋବୋଟ୍ ବ୍ୟବହାର କରି ମୂଲ୍ୟ ଅପ୍ଟିମାଇଜ୍' ଇତ୍ୟାଦି ବିଷୟ ଉପରେ ବିଚାରବିମର୍ଶ ହେବ ବୋଲି ଜଣାପଡ଼ିଛି। ଏହାପରେ ସେଗୁଡ଼ିକୁ ଏସସିଓପିୟୁଏସ୍ ଇଣ୍ଡେକ୍ସ ପ୍ରକ୍ରିୟା ବୁକ୍ ସିରିଜ୍ ଏବଂ ସାଇନ୍ସ ସାଇଟେସନ୍ ଇଣ୍ଡେକ୍ସ ପତ୍ରିକାରେ ସମ୍ଭାବ୍ୟ ପ୍ରକାଶନକୁ ପଠାଯିବ ବୋଲି ସୂଚନା ମିଳିଛି।

## ଟ୍ରକ୍-କାର୍ ଧକ୍କା; ପ୍ରତିଷ୍ଠିତ ବ୍ୟବସାୟୀଙ୍କ ମୃତ୍ୟୁ

# ଅନ୍ତିମ ସଂସ୍କାରରେ ଯୋଗଦେବା ପୂର୍ବରୁ ଶବ ପାଲଟିଗଲେ

**ରାଉରକେଲା, ୧୧।୬(ସମିସ):** ରାଉରକେଲା ଦେଇ ବୀରମିତ୍ରପୁର ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ପ୍ରତିଷ୍ଠିତ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟବସାୟୀ ହେଲେ ବୀରମିତ୍ରପୁର ମିତ୍ତଲ ବିସ୍କୁଟ କମ୍ପାନୀ ମାଲିକ ଦିନନାଥ ମିତ୍ତଲ। ସୂଚନା ଅନୁସାରେ ଦିନନାଥ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କ କାର ଯୋଗେ ବେଦବ୍ୟାସ ଆସୁଥିଲେ। ସେଠାରେ ଜଣେ ପରିଚିତଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବାକୁ ସେ ଆସୁଥିଲେ। ମାତ୍ର ବୀରମିତ୍ରପୁର ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥରେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କ କାରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାର ଚୂର୍‌ମାର ହୋଇଯାଇଥିବା ବେଳେ ମିତ୍ତଲ ଗୁରୁତର ଆହତ ହୋଇଥଲେ। ତାଙ୍କୁ ତୁରନ୍ତ ରାଉରକେଲା ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିବା ସହ ତଦନ୍ତ କରୁଛି। ଦିନନାଥଙ୍କ ଅକାଳ ବିୟୋଗରେ ବୀରମିତ୍ରପୁରରେ ଶୋକର ଛାୟା ଖେଳିଯାଇଛି।



# ମ୍ୟୁଜିକ୍ ସର୍କଲରେ ରଜପର୍ବ ପାଳନ ପ୍ରସ୍ତୁତି

**ରାଉରକେଲା, ୧୧।୬(ସମିସ):** ଚଳିତ ବର୍ଷ ମ୍ୟୁଜିକ୍ ସର୍କଲରେ ରଜପର୍ବ ଧୁମଧାମରେ ପାଳନ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ଅନୁଷ୍ଠାନର ସାଧାରଣ ସମ୍ପାଦିକା ଅଳକା ଚାନ୍ଦ ଏବଂ କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ରହି କହିଛନ୍ତି, ଆସନ୍ତା ୧୩ ତାରିଖ ପହିଲି ରଜ ଦିନ ସକାଳ ୯ଟାରୁ ରଙ୍ଗୋଲି, ଝୋଟି, ପୁଚିଖେଳ ଏବଂ ରଜ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪ ତାରିଖ ରଜ ସଂକ୍ରାନ୍ତି ଦିନ ଅପରାହ୍ନ ୩ଟାରୁ ରଜଦୋଳି ଖେଳ, ତାସ୍ ଖେଳ, ଲୁଡୁ ଖେଳ ସହ ଓଡ଼ିଆ ପିଠାପଣା ଏବଂ ଦହିବରା ପ୍ରଭୃତିର ଷ୍ଟଲ୍ ପଡ଼ିବ। ସନ୍ଧ୍ୟା ୬ଟାରେ ଏକ ବିଶେଷ ସଭାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

# ଶୀତଳଷଷ୍ଠୀ ଉପଲକ୍ଷେ ମା' ସମଲେଇଙ୍କ ପୂଜା



**ରାଉରକେଲା, ୧୧।୬(ସମିସ):** ବନ୍ଧମୁଣ୍ଡା ବି, ସେକ୍ଟରସ୍ଥିତ ମୁଖୀବସ୍ତିରେ ଶୀତଳଷଷ୍ଠୀ ଉପଲକ୍ଷେ ମା' ସମଲେଇଙ୍କ ପୂଜାର୍ଚ୍ଚନା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି କ୍ରମରେ ସ୍ଥାନୀୟ ପୋଖରୀ ନିକଟରୁ ବିଶାଳ କଳସ ଯାତ୍ରା ବାହାରିଥିଲା। ଉକ୍ତ ବସ୍ତିରେ କଳସ ସ୍ଥାପନ କରାଯାଇ ମା'ଙ୍କ ପୂଜା କରାଯାଇଥିଲା। ଶତାଧିକ ମହିଳା ଏଥିରେ ଯୋଗ ଦେଇଥିଲେ। ମୁଖୀ ସମାଜର ନୀତୀଶ ମୁଖୀ, ନନ୍ଦିନୀ ମୁଖୀ, କିରଣ ମୁଖୀ, ଆରତି ମୁଖୀ, ନିଳମୁନି ମୁଖୀ, ଦୁଲାଲି ମୁଖୀ, ମାଳତୀ ମୁଖୀ, ସତୀଶ ମୁଖୀ, ନିରଜ ମୁଖୀ, ଓମ୍‌ପ୍ରକାଶ ମୁଖୀ, କାହ୍ନୁ ମୁଖୀ, ସାଧୁ ମୁଖୀ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ଏସ୍ କାର୍ଯ୍ୟକାରୀ ପରିଷଦ ବୈଠକ

**ରାଉରକେଲା, ୧୧।୬(ସମିସ):** ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍)ର କାର୍ଯ୍ୟକାରୀ ପରିଷଦ ବୈଠକ ସଂଘ କାର୍ଯ୍ୟାଳୟରେ ବରିଷ୍ଠ ଉପସଭାପତି ଆରକେ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସମେତ ଅନ୍ୟ ଉପସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ସହମତି ପ୍ରକାଶ ପାଇଥିଲା। ସେଲ କର୍ମଚାରୀମାନଙ୍କ ୩୯ ମାସର ବକେୟା ପାଉଣା ପ୍ରଦାନ, ନୂତନ ବେତନ ଚୁକ୍ତିନାମାକୁ ତୁରନ୍ତ ଏନଜେସିଏସ କମିଟି ମାଧ୍ୟମରେ ସମ୍ପୂର୍ଣ୍ଣ କରିବା, ଏସ-୧୨ ଓ ଏସ-୧୩ ଗ୍ରେଡର ପ୍ରଚଳନ କରିବା, ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇଁ ଶ୍ରମିକ କର୍ମଚାରୀମାନଙ୍କୁ ଉପଯୁକ୍ତ ବୈଷୟିକ ତାଲିମ ଓ ସୁରକ୍ଷା ସାମଗ୍ରୀ ପ୍ରଦାନ, ଆଇଜିଏଚରେ ସ୍ୱାସ୍ଥ୍ୟସେବାର ଉନ୍ନତି, ସେକ୍ଟର ଅଞ୍ଚଳରେ ବାସଗୃହ ଓ ରାସ୍ତାଘାଟ ମରାମତିକୁ ତ୍ୱରାନ୍ୱିତ କରିବା ଏବଂ ସହଯୋଗୀ ୟୁନିଅନ 'ଗାଙ୍ଗପୁର ମଜଦୁର ମଞ୍ଚ'ର କାର୍ଯ୍ୟକାରୀ ସଭାପତି ରୋହିତ ଯୋଶେଫ ତୀର୍କି ବୀରମିତ୍ରପୁରର ବିଧାୟକ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଆସନ୍ତା ଜୁନ ୧୩ ତାରିଖ ସନ୍ଧ୍ୟାରେ ଆରଏସଏସ ୟୁନିଅନ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି।

# ଗଡ଼ିଲା ଶିଶୁ ଶ୍ରମିକ ନିରୋଧୀ ସଚେତନତା ରଥ

**ବଣାଇଁ, ୧୧।୬(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨୦୨୫ ସୁଦ୍ଧା ଶିଶୁ ଶ୍ରମମୁକ୍ତ ଓଡ଼ିଶା ଗଠନର ସଂକଳ୍ପ ନେଇ ରାଜ୍ୟରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବଣାଇଁ ଉପଖଣ୍ଡ ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ ତରଫରୁ ବଣାଇଁ ଅଞ୍ଚଳରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଏହାର ବହୁଳ ପ୍ରସାର ପ୍ରଚାର ପାଇଁ ଏକ ସଚେତନତା ରଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ କରାଯାଇଛି। ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ସହକାରୀ ଶ୍ରମ ଅଧିକାରୀ ପ୍ରଶାନ୍ତ କୁମାର ସୁନା ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

# ପଞ୍ଚତାରକା ବର୍ଗରେ ଆର୍‌ଏସ୍‌ପିକୁ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର

**ରାଉରକେଲା, ୧୧।୬(ସମିସ)**



ଆରଏସପି ପଞ୍ଚତାରକା ବର୍ଗରେ ସମ୍ମାନଜନକ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର-୨୦୨୩ ଲାଭ କରିଛି। ଜୁନ୍ ୮ରେ ଭୁବନେଶ୍ୱରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଲେସୋଥୋ ରାଷ୍ଟ୍ରର ଉଚ୍ଚାୟୁକ୍ତ ଲେବୋହାଙ୍ଗ ଭାଲେଣ୍ଟାଇନ୍ ମୋଚାବା ଏହି ପୁରସ୍କାର ପ୍ରଦାନ କରିଥିଲେ। ମର୍ଯ୍ୟାଦାଜନକ ଗୁଣବତ୍ତା ଏବଂ ପରିବେଶ ପରିଚାଳନା ସେବା ପ୍ରତିଷ୍ଠାନ ଦ୍ୱାରା ପ୍ରଦତ୍ତ ଏହି ପୁରସ୍କାର ୨୦୨୩ରେ ପରିବେଶ ପରିଚାଳନାରେ ଆରଏସପିର ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ପ୍ରଦାନ କରୁଛି।

ଜୁନ୍ ୧୧ରେ ମନ୍ଥନ୍ ସମ୍ମେଳନ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ଏହି ସମ୍ମାନଜନକ ପୁରସ୍କାର ଓ ପ୍ରମାଣପତ୍ର ସେବା ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଏମଏନଭିଏସ ପ୍ରଭାକର ଏବଂ ତାଙ୍କ ଦଳ ହସ୍ତାନ୍ତର କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ ଆର ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗ ସିଜିଏମ ତଥା ଆକ୍ଟିଂ ଇଡି ଅନିଲ କୁମାର, ବହୁ ଅନ୍ୟ ସିଜିଏମ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭୁବନେଶ୍ୱରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଆରଏସପି ପକ୍ଷରୁ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ ଇନଚାର୍ଜ ପିସି ଦାଶ, ପରିବେଶ ପରିଚାଳନା ବିଭାଗ ମ୍ୟାନେଜର ହିମାଂଶୁ ମିଶ୍ର ଏବଂ ଏସଏମଏସ-୨ ବିଭାଗ ଡେପୁଟି ମ୍ୟାନେଜର ଯୁଧିଷ୍ଠିର ମହାରଣା ଏହି ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନକାରୀ ଏବଂ ସର୍ବୋତ୍ତମ ପରିବେଶ ଅଭ୍ୟାସ ଗ୍ରହଣ କରିଥିବା ସଂଗଠନ, କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର ପ୍ରତ୍ୟେକ ବର୍ଷ ପ୍ରଦାନ କରାଯାଇଥାଏ। ଇସ୍ପାତ ତିଆରିରେ ଆରଏସପିର ପରିବେଶ ଅନୁକୂଳ ପଦକ୍ଷେପ ଏହି ସମ୍ମାନଜନକ ପୁରସ୍କାର ପାଇଁ ଚୟନରେ ପ୍ରମୁଖ କାରଣ ରହିଥିଲା। ଆରଏସପିର ପ୍ରୟାସଗୁଡ଼ିକ ମଧ୍ୟରେ ବାୟୁ ପ୍ରଦୂଷକ ନିର୍ଗମନ ଉପରେ କଠୋର ନିୟନ୍ତ୍ରଣ, ପ୍ରବାହିତ ଜଳର ପ୍ରଭାବଶାଳୀ ପରିଚାଳନା, ବର୍ଜ୍ୟବସ୍ତୁର ସର୍ବାଧିକ ଉପଯୋଗ, ବ୍ୟାପକ ସବୁଜିମାର ବିକାଶ, ଅଭିନବ ଜଳ ସଂରକ୍ଷଣ ପଦକ୍ଷେପ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଉନ୍ନତ କରିବା ପାଇଁ ପ୍ରଭାବଶାଳୀ ସିଏସଆର କାର୍ଯ୍ୟଧାରା ଅନ୍ତର୍ଭୁକ୍ତ ରହିଛି।

## ସିଉନୀରେ ଭୈରବଙ୍କ ବାର୍ଷିକୋତ୍ସବ



**କୋକସରା,୧୧।୬(ସମିସ):** ଭତରା ଜାତିର ଆରାଧ୍ୟ ଦେବତା ଭୈରବ ଦେବଙ୍କ ବାର୍ଷିକ ଉତ୍ସବ ମଙ୍ଗଳବାର କୋକସରା ବ୍ଲକ ସିଉନୀଠାରେ ପାଳିତ ହୋଇଛି। ଜିଲ୍ଲା ଭତରା ସମାଜ ପକ୍ଷରୁ ଆୟୋଜିତ ଉକ୍ତ ଉତ୍ସବରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଇଂ ତୃପ କୁମାର ପାତ୍ର ମୁଖ୍ୟବକ୍ତା, ଘନଶ୍ୟାମ ନାଏକ, ନିଳକଣ୍ଠ ମାଝୀ, ସୁଶାନ୍ତ ମାଝୀ, ବୃନ୍ଦା ପୁଝାରୀ, କ୍ଷୀରୋଦ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରମରେ ସମାଜର ଶିକ୍ଷା, ଅର୍ଥନୈତିକ, ରାଜନୈତିକ, କୃଷି, ବୃତ୍ତି, ନିଯୁକ୍ତି ଓ ସାଙ୍ଗଠନିକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପରେ ନବ ନିର୍ବାଚିତ ବିଧାୟକ ଶ୍ରୀ ଦିଶାରୀଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ବିଭିନ୍ନ ସ୍ଥାନରୁ ୫୦୦ରୁ ଉର୍ଦ୍ଧ୍ୱ ଭତରା ସମାଜର କର୍ମକର୍ତ୍ତା ସାମିଲ ହୋଇଥିଲେ। ମଞ୍ଚକୁ ଜିଲ୍ଲା ଭତରା ସମାଜର ସମ୍ପାଦକ ଋତୁରାଜ ମାଝୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଦିଶାରୀ, ବୃନ୍ଦାବନ ପୁଝାରୀ, ମହେନ୍ଦ୍ର ବିହାରୀ, ସୁଧୀର ଧଙ୍ଗଡମାଝୀ, ବନ ଦଣ୍ଡସେନା, ହିମାଞ୍ଚଳ ପୁଝାରୀ, ଜମୁନା ମାଝୀ, ଜୟପାଟଣା ବ୍ଲକ ସମ୍ପାଦକ ବଂଶୀଧର ଚଲାନ, ଗୋପାଳ କୃଷ୍ଣ ପୁଝାରୀ, ଦୀଲିପ ପୁଝାରୀ, ପରମେଶ୍ୱର ଧଙ୍ଗଡ଼ାମାଝୀ, ଅରୁଣ ମାଝୀ, ଖଗେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## କୋମନା ଅଞ୍ଚଳରେ ପ୍ରବଳ ଘୂର୍ଣ୍ଣିଝଡ଼ ସହ ବର୍ଷା

**କୋମନା,୧୧।୬(ସମିସ):** ନୂଆପଡା ଜିଲ୍ଲା କୋମନା ବ୍ଲକର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ପ୍ରବଳ ଘୂର୍ଣ୍ଣିଝଡ଼ ସହ ଘଡଘଡି ଓ ବର୍ଷା ହୋଇଛି। ଅପରାହ୍ନ ୪ଟାରୁ କୋମନା ସହରରେ ପ୍ରବଳ ଘୂର୍ଣ୍ଣିଝଡ଼ ହେବା ଯୋଗୁଁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସନ୍ଧ୍ୟା ୭ଟାରୁ ମହୁଲଭଟା, ପଏଁର, କୋମନା, ଟିକ୍ରାପଡା, ଘୋଟସର ତଥା ଅନ୍ୟାନ୍ୟ ସ୍ଥାନରେ ଘଣ୍ଟାଏରୁ ଅଧିକ ସମୟ ଧରି ବର୍ଷା ହୋଇଛି।

## ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ



**ସିନାପାଲି,୧୧।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଭରୁଆମୁଣ୍ଡା ପଞ୍ଚାୟତର ନାଏବ ସରପଞ୍ଚ ମକାରୁ ତାଣ୍ଡି ଆଉ ନାହାନ୍ତି। ପୈତୃକ ଗ୍ରାମ ଚଚରାଭଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପଡି ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ ପୁଅ କୈଳାଶ ତାଣ୍ଡି ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସେ ହାତିବନ୍ଧା 'ସକାଳ'ପ୍ରତିନିଧି ବିଘ୍ନରାଜ ତାଣ୍ଡିଙ୍କ ବାପା। ଚାରି ଚାରି ଥର ସେ ୱାର୍ଡ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ।

**ବାପା ମାଁ ଛେଉଣ୍ଡ ଟଙ୍କଧର ଆଧାର କାର୍ଡରୁ ବଞ୍ଚିତ ଘଟଣା**

## ସହାୟତାର ହାତ ବଢ଼ାଇଲା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍



**କଲମପୁର,୧୧।୬(ସମିସ):** ବାପା ମାଁ ଛେଉଣ୍ଡ ଟଙ୍କଧର ଚଲାନଙ୍କ ପାଖକୁ ମଙ୍ଗଳବାର ଜିଲ୍ଲା ଶିଶୁ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ପହଞ୍ଚି ସହାୟତା ପାଇଁ ଜିଲ୍ଲା କାର୍ଯ୍ୟାଳୟକୁ ନେଇଛନ୍ତି। ସେଠାରେ ଟଙ୍କଧରଙ୍କ ଆଧାର କାର୍ଡ ପ୍ରସ୍ତୁତ କରିବାରେ ସହଯୋଗ କରିବା ସହିତ ନିୟମାନୁସାରେ ବିଭାଗୀୟ ସହାୟତା ଯୋଗାଇ ଦେବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ ଜନ୍ମରୁ ମାଁ ବାପାକୁ ହରାଇଥିବା କଲମପୁର ବ୍ଲକ ଦେପୁର ଗ୍ରାମର ଲିଙ୍ଗରାଜ ଚଲାନ ଓ କୁମୁଦିନୀ ଚଲାନଙ୍କ ଏକମାତ୍ର ପୁତ୍ର ଟଙ୍କଧରଙ୍କ ଆଧାର କାର୍ଡ ନ ଥିବାରୁ ସେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇ ଆସୁଥିଲେ । ଦେପୁର ଗ୍ରାମର ସମାଜସେବୀ କୃଷ୍ଣଚନ୍ଦ୍ର ଲେଞ୍ଜିଆ ଏ ନେଇ ଗଣମାଧ୍ୟମକୁ ଜଣାଇଥିଲେ। ଖବର ପ୍ରସାରଣ ପରେ ଜିଲ୍ଲା ଶିଶୁ ସୁରକ୍ଷା ସମିତିର ବାହ୍ୟକର୍ମୀ ଗୁରୁ ପ୍ରସାଦ ନାଏକ ଓ ସମାଜସେବୀ ଯଶୋବନ୍ତ ରଣା ପହଞ୍ଚି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଏଥି ସହିତ ସେହି ନିକଟରେ ଥିବା ବାପା ମାଁ ଛେଉଣ୍ଡ ପିୟୁଷ ଚଲାନ (୫) ନାମକ ଅନ୍ୟଏକ ଶିଶୁ ପୁତ୍ରକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରି ଥଇଥାନ କରିବାକୁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇ ଫେରିଛନ୍ତି ।

# ଅସରାଏ ବର୍ଷାରେ ରେଳ ଅଣ୍ଡର ବ୍ରିଜ୍‌ରେ ଆଣ୍ଠୁଏ ପାଣି



**କେସିଙ୍ଗା,୧୧।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାଠାରେ ଅବସ୍ଥିତ ରେଳ ଅଣ୍ଡର ବ୍ରିଜରେ ଦିନକୁ ଦିନ ନୂତନ ସମସ୍ୟା ଉପୁନ୍ନ ହେଉଥିବା ବେଳେ ରକ୍ଷଣାବେକ୍ଷଣର ଦାୟିତ୍ୱରେ ଥିବା ରେଳ ବିଭାଗ କିନ୍ତୁ ଆଖି ବନ୍ଦ କରି

**● ଦୁର୍ବଳ ହୋଇଛି ଡ୍ରେନେଜ୍ ସିଷ୍ଟମ**

ଦେଇଛି। କେତେବେଳେ ଅଣ୍ଡର ବ୍ରିଜ ତଳେ ପାଣି ପାଇପ ଫାଟି ପାଣି ନିର୍ଗତ ହେଉଛି ତ କେତେବେଳେ ରାସ୍ତା ଖରାପ ହୋଇ ଦୁର୍ଘଟଣା ଘଟୁଛି। ମଙ୍ଗଳବାର ଅପରାହ୍ନରେ ଅସରାଏ ବର୍ଷାରେ ଅଣ୍ଡର ବ୍ରିଜ ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଦୁର୍ବଳ ଡ୍ରେନେଜ ସିଷ୍ଟମ ସାଙ୍ଗକୁ ବର୍ଷା ପାଣି ନିଷ୍କାସିତ ହେବାକୁ ଥିବା ନାଳ ଜାମ ହୋଇଥିବା ଆଖପାଖ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି ରେଳ ଅଣ୍ଡର ବ୍ରିଜର ମରାମତି କାମ ହେଉନାହିଁ। ମୁଖ୍ୟ ଫାଟକ ୨୪ ଘଣ୍ଟା ପଡ଼ିଛି ଯାହା ଫଳରେ ସମସ୍ତ ଛୋଟ ବଡ଼ ଗାଡ଼ି ମଟର ଅଣ୍ଡର ବ୍ରିଜ ରାସ୍ତାରେ ଚଳପ୍ରଚଳ କରୁଥିବାରୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ କେସିଙ୍ଗାବାସୀଙ୍କ ପାଇଁ ଏହି ରେଳ ଅଣ୍ଡର ବ୍ରିଜ ରାସ୍ତା ଅଭିଶାପ ପାଲଟିବ ନାହିଁ ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅତିଶୀଘ୍ର ଅଣ୍ଡର ବ୍ରିଜ ରାସ୍ତାର ଡ୍ରେନେଜ ସିଷ୍ଟମକୁ ସୁଦୃଢ଼ କରି ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବର୍ଷା ଆଣିଦେଲା ଆଶ୍ୱସ୍ତି

**ସିନାପାଲି,୧୧।୬ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ବର୍ଷା ପରେ ଆଶ୍ୱସ୍ତି ମିଳିଛି। ଗତ କିଛି ଦିନ ଧରି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜନ ଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ଲୋକେ ଦିନ ୧୧ଟା ପରେ ବାହାରକୁ ବାହାରିବା କଷ୍ଟକର ହୋଇ ପଡୁଥିଲା। ରାସ୍ତା ଘାଟ ଶୂନ୍‌ଶାନ୍ ହୋଇ ପଡୁଥିଲା। ସନ୍ଧ୍ୟା ୬ଟାରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଏହାପରେ ବର୍ଷା ହୋଇଥିଲା। ଏହାଫଳରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ମିଳିଛି। ଚାଷୀ ମଧ୍ୟ ନିଜର ଚାଷ ଜମିରେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ସଜବାଜ ହୋଇଛି। ସିନାପାଲି ଅଞ୍ଚଳର ଚାଷୀ ମଧ୍ୟ ନିଜ ଜମିରେ ହଳ କରିବା ପାଇଁ ବର୍ଷାକୁ ଅପେକ୍ଷା କରିଥିଲା। ବର୍ଷା ପରେ ଚାଷୀ ଖୁସିବ୍ୟକ୍ତ କରିଛି।

## ପନିପରିବା ଦର ଆକାଶଛୁଆଁ

**ଖାଉଟିଙ୍କ ପକେଟ୍‌କୁ ମାଡ଼**



**ଭବାନୀପାଟଣା,୧୧।୬(ସମିସ):** ଭବାନୀପାଟଣା ବଜାରରେ ପନିପରିବା ଦର ଆକାଶ ଛୁଆଁ ହୋଇଛି। ପନିପରିବାର ଆଶାତୀତ ଦର ବୃଦ୍ଧି ଯୋଗୁ ଖାଉଟି ଚିନ୍ତିତ ହୋଇପଡ଼ିଛନ୍ତି। ଅନେକ ପନିପରିବା ପରିବର୍ତ୍ତେ ମାଛ, ଅଣ୍ଡା ଆଉ ଚିକେନ କିଣୁଥିବା ଦେଖିବାକୁ ମିଳିଛି। ବିଶେଷ କରି ୨/୩ ଦିନ ହେଲା ପନିପରିବାରେ ଦରବୃଦ୍ଧି ପାଇଛି। ପିଆଜର ଅଚାନକ ଦର ବୃଦ୍ଧି ହୋଇ କେଜି ପ୍ରତି ୪୦ଟଙ୍କାରେ ପହଞ୍ଚିଛି। ଆଳୁ କିଲୋ ୩୦ ଟଙ୍କା, ଜହ୍ନି, ବାଇଗଣ, ଭେଣ୍ଡି, କଲରା, ପୋଟଳ, ଟମାଟୋ, କାକୁଡି ଇତ୍ୟାଦି କିଲୋ ପ୍ରତି ୬୦ରୁ ୮୦ ଟଙ୍କାରେ ବିକ୍ରି ହେଉଛି। ଫୁଲକୋବି ଓ କାଙ୍କଡ଼ କେଜି ପ୍ରତି ୧୦୦ରୁ ୧୨୦ ଟଙ୍କା ରହିଛି। ଆଗକୁ ମଧ୍ୟ ପନିପରିବା ଦର ବଢିବା ନେଇ ବ୍ୟବସାୟୀମାନେ ସୂଚାଇଥିବା ବେଳେ ଚିନ୍ତାରେ ଖାଉଟି ପଡିଛନ୍ତି।

## ବିଜେ ଶ୍ରୀରାମେଶ୍ୱରଙ୍କ ଶିବ ବିବାହ ଉତ୍ସବ



**ମ.ରାମପୁର,୧୧।୬(ସମିସ ):** ବିଜେ ଶ୍ରୀ ଶ୍ରୀ ରାମେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ଶୀତଳ ଷଷ୍ଠୀ ଯାତ୍ରା ପାଇଁ ବିଜେ ଶ୍ରୀ ଶ୍ରୀ ରାମେଶ୍ୱର ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ଦେବ ଦେବ ମହାଦେବଙ୍କ ବର ଯାତ୍ରା ସନ୍ଧ୍ୟାରେ ବାହାରିଥିଲା। ଏହି ଶୋଭାଯାତ୍ରାରେ କଳାହାଣ୍ଡିର ବୀର ବାଦ୍ୟ ଘୁମୁରା, ବାଜାଶାଲ, ମହିଳା କୀର୍ତ୍ତନ ଆଦି ସାଂସ୍କୃତିକ ଦଳ ସାମିଲ ହୋଇଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଭାପତି ଚିତ୍ତରଂଜନ ବାଗ, ସମ୍ପାଦକ ଶିବ ପ୍ରସାଦ ପଟ୍ଟନାୟକ, ଉପ ସଭାପତି ଯୁଗଳ ପ୍ରହରାଜ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏଥର ଜଗତଜନନୀ ମାତା ପାର୍ବତୀଙ୍କ ପିତା ମାତା ଦାୟିତ୍ୱ ସପତ୍ନୀକ ବିଶିଷ୍ଟ ଶିଳ୍ପପତି ପ୍ରଶାନ୍ତ ସାମନ୍ତରା ଓ ସଂଯୁକ୍ତା ସାମନ୍ତରା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପ୍ରଭୁ ଶ୍ରୀ ଶ୍ରୀ ବିଜେ ରାମେଶ୍ୱରଙ୍କ ପିତା ମାତା ଦାୟିତ୍ୱ ସପତ୍ନୀକ ବିଶିଷ୍ଟ ବ୍ୟବସାୟୀ ଭାରତ ଭୂଷଣ ଜୈନ ଓ ପୁନମ ଜୈନ ତୁଲାଇଥିଲେ । ନର୍ଲା ବିଧାୟିକା ମନୋରମା ମହାନ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିବଶିବାଙ୍କ ଆଶିଷ କାମନା କରିବା ସହିତ କର୍ମକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ। ଶୋଭାଯାତ୍ରା ତଳସାଗର ପଡା ଦେଇ ହାଇସ୍କୁଲ ଛକ ରାସ୍ତାରେ ସହର ପରିକ୍ରମା କରି ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିବା ପରେ ବିଳମ୍ବିତ ରାତି ଯାଏଁ ବିବାହ ଉତ୍ସବ ଚାଲିଥିଲା । ପୂଜାର୍ଚ୍ଚନା କାର୍ଯ୍ୟ ତ୍ରିଲୋଚନ ଦାଶ, ପିତାମ୍ବର ତ୍ରିପାଠୀ, ଅମରେଶ ଶତପଥୀ ସମାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ବତନ ବ୍ଲକ ଅଧକ୍ଷ ଜୀବେଶ କୁମାର ପଣ୍ଡା, ପ୍ରିତମ କୁମାର ଜୈନ, ଦୀନେଶ ଜୈନ, କୃଷ୍ଣଚନ୍ଦ୍ର ସାହୁ, ଭାଗବତ ଘିଭେଲା, ନବୀନ ଅଗ୍ରୱାଲ, ନୃସିଂହ ଚରଣ ଭୋଇ, ଆନନ୍ଦ ଅଗ୍ରୱାଲ, ଶିବରାମ ନାହାକ, କୁଳମଣି ହେର୍ଣ୍ଣା, ବିନୋଦ ସାହୁ, ସୋମନାଥ ସାହୁ, ସୁମିତ ଅଗ୍ରୱାଲ, ଗୋଲୁ ଜିନ୍ଦଲ ତଥା ରାଧାକୃଷ୍ଣ ମନ୍ଦିର କମିଟି ସଦସ୍ୟ ଓ ଶିବ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ରାସ୍ତାରେ ଜମୁଥିଲା ପାଣି; ପଡ଼ିଲା କଂକ୍ରିଟ୍



**କୋକସରା,୧୧।୬(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଜଗନ୍ନାଥ ମନ୍ଦିର ଛକ ନିକଟରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଥିଲା। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଦୈନିକ 'ସକାଳ'ରେ ଜୁନ ୧ ତାରିଖରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପଞ୍ଚାୟତ ପକ୍ଷରୁ ତତ୍ପରତା ଦେଖାଇପାଣି କାଦୁଅ ଜମୁଥିବା ରାସ୍ତାକୁ କଂକ୍ରିଟ କରାଯାଇଛି।

ସୂଚନା ଯୋଗ୍ୟ, ଉକ୍ତ ରାସ୍ତା ଦେଇ ଲୋକେ ପ୍ରତିନିନ ବ୍ୟାଙ୍କ, ମେଡିକାଲ, ପ୍ରାଥମିକ ସମବାୟ ସମିତି କାର୍ଯ୍ୟାଳୟ ଓ ରାସନ୍ ସାମଗ୍ରୀ ନିମନ୍ତେ ପଞ୍ଚାୟତ

**'ସକାଳ' ପ୍ରଭାବ**

ଗୋଦାମ ଗୃହକୁ ଯାଇଥାନ୍ତି। ତେବେ ରାସ୍ତାରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଥିଲା। କାଦୁଅ ପାଣି ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ବିଭିନ୍ନ ସମୟରେ ଲୋକେ ଏହି ରାସ୍ତାଦେଇ ଯିବାଆସିବା ସମୟରେ ଖସିପଡି ଖଣ୍ଡିଆଖାବରା ମଧ୍ୟ ହେଉଥିଲେ। ଏବେ ସମସ୍ୟା ସମାଧାନ ହୋଇଥିବାରୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି।

## ଓଲଟିଲା ଆମ୍ବ ବୋଝେଇ ପିକ୍‌ଅପ୍




**କୋମନା,୧୧।୬(ସମିସ):** କୋମନା ଥାନା ବାଟିବାହାଲ ନିକଟରେ ଏକ ଆମ୍ବ ବୋଝେଇ ଗାଡ଼ି ଭାରସାମ୍ୟ ହରାଇ ଓଲଟିପଡିଛି। ବିଳମ୍ବିତ ରାତିରେ ପିକ୍‌ଭ୍ୟାନ୍ (ସିଜି ୦୪-ପିକେ-୧୫୭୪)ଟି ଆମ୍ବ ବୋଝେଇ କରି ରାୟପୁରରୁ ବିଶାଖାପାଟଣା ଯାଉଥିଲା। ତେବେ ରାତି ପାହିଲା ବେଳକୁ ଗୋଟିଏ ବି ଆମ୍ବ ନ ଥିଲା। ଆଖପାଖ ଲୋକେ ଆମ୍ବ ଟ୍ରେ ବୋହି ନେଇଥିଲେ।

**ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ**

# କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି






**ଧର୍ମଗଡ଼,୧୧।୬(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚବିଦ୍ୟାଳୟରେ ଚଳିତ ବର୍ଷ ଅନୁଷ୍ଠିତ ବିଭିନ୍ନ ପରୀକ୍ଷାର କୃତୀ ପରୀକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ ଓ ପ୍ରଗତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ସହଯୋଗରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ ତହସିଲଦାର ସଂଜୟ କୁମାର ସାମନ୍ତରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀ, ପ୍ରାଧାପକ ଲିଙ୍ଗରାଜ ପାତ୍ର, ପ୍ରଗତି ଶିକ୍ଷାନୁଷ୍ଠାନର ବିଦ୍ୟାସାଗର ମୁଣ୍ଡ, ସଙ୍ଗଠନର ସଭାପତି ବିରଜା ପ୍ରସାଦ ପଣ୍ଡା, ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟ ପ୍ରଶାନ୍ତ କୁମାର ଠାକୁର ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ଜିଲ୍ଲା ତଥା ଜିଲ୍ଲାର ସମସ୍ତ ବ୍ଲକ ଓ ଧର୍ମଗଡ ବ୍ଲକ ଅଧିନସ୍ଥ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ପ୍ରମାଣପତ୍ର, ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହରେ ମାଟ୍ରିକ ଜିଲ୍ଲା ଟପ୍ପର ଯତ୍ନରାଜ ସାହୁ, ସିବିଏସଇ ଦଶମ ଶ୍ରେଣୀ ଜିଲ୍ଲା ଟପ୍ପର ପୂରବ ବେହେରା, ଯୁକ୍ତଦୁଇ ବିଜ୍ଞାନ ଜିଲ୍ଲା ଟପ୍ପର ଈଶାନେଶ୍ୱର ନେଗୀ, ଯୁକ୍ତଦୁଇ କଳା ଜିଲ୍ଲା ଟପ୍ପର ସୁହାନୀ ଚଲାନ, ସିବିଏସଇ ଦ୍ୱାଦଶ ଶ୍ରେଣୀ ଜିଲ୍ଲା ଟପ୍ପର ଦେବାଶିଷ ମିଶ୍ର ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଶିବ ପଟ୍ଟନାୟକ ଫାଉଣ୍ଡେସନ ଭବାନୀପାଟଣା, କିଶୋର ଅଗ୍ରୱାଲ, ମହେଶ ଅଗ୍ରୱାଲ, ପ୍ରଣବ ପଣ୍ଡା, ସୁଧିର ପଣ୍ଡା, ଆଇନଜୀବୀ ଲିଙ୍ଗରାଜ ବେହେରା, ପ୍ରାଥମିକ ଶିକ୍ଷକ ସଂଘ ଧର୍ମଗଡ, ମାରୱାଡି ଯୁବା ମଞ୍ଚ ଧର୍ମଗଡ, ଉଦ୍ଧବ ଚରଣ ସାହୁ, ଦୀପ୍ତି ନାରାୟଣ ପ୍ରହରାଜ, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ବଜାର ଶାଖା ଧର୍ମଗଡ ପ୍ରମୁଖଙ୍କ ପୃଷ୍ଠପୋଷକତାରେ ସମସ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବଙ୍କିମ ମୁଣ୍ଡ ମଞ୍ଚ ସଂଯୋଜନା, ସଂଜିବ କୁମାର ଠାକୁର ଅତିଥି ପରିଚୟ ପ୍ରଦାନ, ସଂଗଠନର ସଂପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଜିବ କୁମାର ମୁଣ୍ଡ, ମୋହନ ଚରଣ ବିଷି, ଗୋବିନ୍ଦ ସାହୁ ଓ ରାଜେଶ କୁମାର ମୁଣ୍ଡ ପରିଚାଳନା କରିଥିଲେ। ସୁଶ୍ରୀ ସୁହାନା ପଣ୍ଡା ଓ ରାଧାରାଣୀ ପୋଢ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବା ବେଳେ ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଧାଂଶୁ ପଣ୍ଡା, ବିଶ୍ୱଜିତ ବେହେରା, ନିରଞ୍ଜନ ମୁଦୁଲି, ବିଶ୍ୱପତି ମୁଣ୍ଡ, ସନ୍ତୋଷ ପାଣିଗ୍ରାହୀ, ଲକ୍ଷପତି ମୁଣ୍ଡ, ଦୁଷ୍ମନ୍ତ ପାଢ଼ୀ, ଭୁଜବଳ ନାଏକ, ସୁଶୀଳ ଚନ୍ଦ୍ର ନାଗ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ସାମ୍ବାଦିକଙ୍କ ସମେତ ଜିଲ୍ଲାର ଶତାଧିକ କୃତୀ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ।

